## ଟଙ୍କା ଲୁଟ୍, ୨ ଗିରଫ

ଭୁବନେଶ୍ୱର,(ସୂର୍ଯ୍ୟକାନ୍ତ ବେହେରା) - ଏକୁଟିଆ ଯାଉଥିବା ପଥଚାରୀଙ୍କୁ ଟାର୍ଗେଟ କରି ଲୁଟ୍‌ପାଟ୍ କରୁଥିବା ଦୁଇ ଲୁଟେରାଙ୍କୁ ଖଣ୍ଡଗିରି ଥାନା ପୋଲିସ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ତ୍ରିଲୋଚନ ଜେନା ଓରଫ ଟିମା ଏବଂ ଅଭିମନ୍ୟୁ ବାସ୍ତା। ସନ୍ତୋଷ ମହାପାତ୍ରଙ୍କ ଅଭିଯୋଗକ୍ରମେ ପୋଲିସ ଅଭିଯୁକ୍ତଦ୍ୱୟଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଅଭିଯୁକ୍ତ ଟିମାଙ୍କ ନାମରେ ପୂର୍ବରୁ ଖଣ୍ଡଗିରି ଥାନାରେ ଗୋଟିଏ ଓ ଅଭିମନ୍ୟୁଙ୍କ ନାମରେ ୪ଟି ମାମଲା ରହିଥିବା ପୋଲିସ ତଦନ୍ତବେଳେ ଜାଣିବାକୁ ପାଇଛି।



## ସଂକ୍ଷେପରେ

### ସେଲୁନ ଭିତରେ ନାବାଳିକାଙ୍କୁ ଅସଦାଚରଣ

ଭୁବନେଶ୍ୱର,୮।୭(ସୂର୍ଯ୍ୟକାନ୍ତ ବେହେରା): ସେଲୁନ ଭିତରେ ନାବାଳିକାଙ୍କୁ ଅସଦାଚରଣ କରାଯାଇଛି। ଏନେଇ ଅଭିଯୋଗ ପରେ ନୟାପଲ୍ଲୀ ଥାନା ପୋଲିସ ଅଭିଯୁକ୍ତ ବାରିକଙ୍କୁ ଗିରଫ କରିଛି। ସେ ହେଲେ ଭରତପୁର ଥାନା ଅଞ୍ଚଳରେ ରହୁଥିବା ବୋଲଗଡ଼ ଥାନା ଜରିପଡ଼ା ଗ୍ରାମର ବାପୁ ବାରିକ (୨୫)। ରବିବାର ସକାଳେ ନାବାଳିକା ଜଣକ ମା'ଙ୍କ ସହ ଇନ୍ଦ୍ରଧନୁ ମାର୍କେଟରେ ଥିବା ଏକ ସେଲୁନକୁ ଚୁଟି କାଟିବା ଲାଗି ଯାଇଥିଲେ। ଚୁଟି କାଟୁଥିବାବେଳେ ନାବାଳିକାଙ୍କ ମା'ଙ୍କ ମୋବାଇଲକୁ ଏକ କଲ୍ ଆସିବାରୁ ସେ ବାହାରକୁ ଆସି କଥା ହେଉଥିଲେ। ଏହାର ସୁଯୋଗ ନେଇ ଅଭିଯୁକ୍ତ ଜଣକ ନାବାଳିକାଙ୍କୁ ଅସଦାଚରଣ କରିଥିଲେ।

### ବାଲି ବୋଝେଇ ହାଇୱା ପୋଲିସ ଜିମାଦେଲେ

ବାରଙ୍ଗ,୮।୭(ଲିଙ୍ଗରାଜ ରାଉତ): ଆଠଗଡ଼ ପଟୁ ବାରଙ୍ଗ ଦେଇ ଆସୁଥିବା ଦୁଇଟି ବାଲି ବୋଝେଇ ହାଇୱା ମଧ୍ୟରୁ ଗୋଟିଏ ଗାଡ଼ିକୁ ବାରଙ୍ଗ ଟ୍ରକ ଆସୋସିଏଶନର କର୍ମକର୍ତ୍ତା ଧରି ବାରଙ୍ଗ ପୋଲିସକୁ ହସ୍ତାନ୍ତର କରିଛନ୍ତି। ଗାଡି ଦୁଇଟି ବାଲି ବୋଝେଇ କରି ଆଠଗଡ ପଟୁ ବାରଙ୍ଗ ଦେଇ ଆସୁଥିବାବେଳେ ତ୍ରିଶୁଳିଆ ଛକ ପାଖରେ ବାରଙ୍ଗ ଟ୍ରକ ମାଲିକ ସଂଘର କର୍ମକର୍ତ୍ତାମାନେ ଅଟକାଇ କାଗଜପତ୍ର ଯାଞ୍ଚ କରିଥିଲେ। ଚାଳକଦ୍ୱୟ ଠିକ କାଗଜପତ୍ର ଦେଖାଇ ନ ପାରିବାରୁ ଗାଡି ଦୁଇଟିକୁ ବାରଙ୍ଗ ଥାନାରେ ଜିମା ଦେବାପାଇଁ ଆଣିଥିଲେ। କିନ୍ତୁ ସେଥିରୁ ଗୋଟିଏ ଗାଡି କୌଶଳକ୍ରମେ ଖସି ପଳାଇଥିବା ବେଳେ (ଓଡି୦୫ବିଏନ-୪୦୮୧) ହାଇୱାକୁ ଆସୋସିଏଶନ ପକ୍ଷରୁ ବାରଙ୍ଗ ଥାନାକୁ ହସ୍ତାନ୍ତର କରାଯିବା ସହ ଖଣି ବିଭାଗ ଅଧିକାରୀଙ୍କୁ ସୂଚନା ଦେଇଛନ୍ତି।

### ବାମ୍ଫିରୁ ବାର୍‌ହା ଉଦ୍ଧାର

ବାରଙ୍ଗ,୮।୭(ଲିଙ୍ଗରାଜ ରାଉତ): ଜୟପୁର ଗ୍ରାମରେ ସୋମବାର ଜଣେ ବ୍ୟକ୍ତିଙ୍କ ପରିତ୍ୟକ୍ତ ବାମ୍ଫିରୁ ଏକ ବାର୍‌ହାକୁ ବନ ବିଭାଗ ଉଦ୍ଧାର କରିଛି। ଉଦ୍ଧାର ପରେ ବାର୍‌ହାକୁ ଜଙ୍ଗଲରେ ଛାଡ଼ିଦିଆଯାଇଛି। ପୂର୍ବାହ୍ନ ସାଢ଼େ ୧୦ଟାରେ ଜୟପୁର ଗ୍ରାମର ରାଜକିଶୋର ସାହୁଙ୍କ ବାରିରେ ଥିବା ପରିତ୍ୟକ୍ତ ବାମ୍ଫିରେ ଏକ ବାରହା ପଡ଼ିଥିବା ଦେଖି ସେ ବନ ବିଭାଗକୁ ଖବର ଦେଇଥିଲେ। ପରେ ଗ୍ରାମବାସୀ ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ସିଡିଏ ଅଗ୍ନିଶମ ବାହିନୀର ଏକ ଦଳ ଏବଂ ମଞ୍ଚେଶ୍ୱର ବନାଞ୍ଚଳର ବନ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚିଥିଲେ। ୪ଘଣ୍ଟାର ଅକ୍ଳାନ୍ତ ପରିଶ୍ରମ ପରେ ଫାସ ବ୍ୟବହାର କରି ବାର୍‌ହାକୁ ବାମ୍ଫିରୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇ ଯନ୍ତାରେ ରଖାଯାଇଥିଲା। ପରେ ବାର୍‌ହାର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ଭରତପୁର ସଂରକ୍ଷିତ ଜଙ୍ଗଲରେ ଛଡ଼ାଯାଇଥିଲା।

# ଏଜି ଅଫିସ୍‌ରୁ ରାସ୍ତାକୁ ବୋହିଲା ପାଣି

ଭୁବନେଶ୍ୱର, ୮।୭ (ଅନିଲ ଦାସ)

ସୋମବାର ରାତି ପ୍ରାୟ ୧୨ଟା। ଭୁବନେଶ୍ୱରର ଏଜି ଛକ ନିକଟ ଟ୍ରାଫିକ୍ ଥାନା ସମ୍ମୁଖ ରାସ୍ତା ଉପରେ ଅନେକ ଲକ୍ଷ ଲିଟର ପାଣି ବୋହୁଥିବାର ଦୃଶ୍ୟ ଦେଖିବାକୁ ମିଳିଥିଲା। ଏଜି ଅଫିସ୍ ଗେଟ୍ ନମ୍ବର ୨ ପଟରୁ ଏହି ପାଣି ସୁଅ ଛୁଟୁଥିଲା। ଜଣେ ପ୍ରତ୍ୟକ୍ଷଦର୍ଶୀଙ୍କ କହିବାନୁଯାୟୀ, ଅପରାହ୍ନ ପ୍ରାୟ ୨ଟାରୁ ସେଠାରେ ବର୍ଷା ହୋଇ ନ ଥିଲା। ତେଣୁ ସେହି ପାଣି ବର୍ଷାଜନିତ ନୁହେଁ, ନିଶ୍ଚିତ ଭାବେ ଏହା ଲୋକଙ୍କ ନିମନ୍ତେ ଉଦ୍ଦିଷ୍ଟ ପାନୀୟ ଜଳ ବୋଲି ସେ କହିଛନ୍ତି। ଏହା ବୋହିଯାଇ ଗୋଟିଏପଟେ ଏଜି ଛକ ଅତିକ୍ରମ କରି ୧ ନମ୍ବର ମାର୍କେଟରେ ପହଞ୍ଚୁଥିଲାବେଳେ ଅନ୍ୟପଟେ ବିଧାନସଭା ଆଡ଼କୁ ଥିବା ଡ୍ରେନ୍ ଭରି ଯାଇଥିଲା। ସେହିପରି ଏହି ପାଣି ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ନିକୁଞ୍ଜ ଧଳଙ୍କ ସରକାରୀ ବାସଭବନକୁ ମଧ୍ୟ ପ୍ରବେଶ କରିଥିଲା। ଏତେ ପରିମାଣର ପାଣି ଯୋଗାଡ଼ କରିବା ପାଇଁ ସରକାରୀ ତହବିଲରୁ କେତେ ଟଙ୍କା ଖର୍ଚ୍ଚ ହୋଇଥିବ ଏବଂ ଏହି ଅପଚୟ ପାଇଁ କେଉଁ ଅଧିକାରୀ ଦାୟୀ ରହିବେ ବୋଲି ପ୍ରତ୍ୟକ୍ଷଦର୍ଶୀ ପ୍ରଶ୍ନ କରିଛନ୍ତି। ଏହାର ତଦନ୍ତ କରାଯାଇ କର୍ତ୍ତବ୍ୟରେ ଅବହେଳା କରିଥିବା ବ୍ୟକ୍ତିଙ୍କୁ ଦଣ୍ଡିତ କରିବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି। ସୂଚନାଥାଉ କି ପାନୀୟ ଜଳ ପାଇଁ ଦେଶର ରାଜଧାନୀ ନୂଆଦିଲ୍ଲୀ ସମେତ ବହୁ ଅଞ୍ଚଳରେ ହାହାକାର ସାଙ୍ଗକୁ ମାରପିଟ୍ ଭଳି ସ୍ଥିତି ନିକଟ ଅତୀତରେ ଦେଖିବାକୁ ମିଳିଥିବାବେଳେ ରାଜ୍ୟ ରାଜଧାନୀ ଭୁବନେଶ୍ୱରରେ ଏଭଳି ପାଣି ଅପଚୟକୁ ଲୋକେ ସହଜରେ ଗ୍ରହଣ କରିପାରୁନାହାନ୍ତି।


ଏଜି ଅଫିସ୍‌ର ୨ ନମ୍ବର ଗେଟ୍ ଦେଇ ରାସ୍ତାକୁ ବୋହି ଯାଉଥିବା ପାଣି।



ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ ପକ୍ଷରୁ ରବୀନ୍ଦ୍ର ମଣ୍ଡପରେ ସୋମବାର ଅନୁଷ୍ଠାନ ଭକ୍ତି ସଙ୍ଗୀତ କାର୍ଯ୍ୟକ୍ରମ 'ଶିଳ୍ପୀ କଣ୍ଠେ ଜଗନ୍ନାଥ'ରେ ଗୁରୁ ବିଜୟ କୁମାର ଜେନା ସଙ୍ଗୀତ ପରିବେଷଣ କରୁଛନ୍ତି।

## ସଙ୍ଗୀତରେ ପଣ୍ଡିତ ସୁରମଣି ବାଉରୀବନ୍ଧୁଙ୍କୁ ଶ୍ରଦ୍ଧାଞ୍ଜଳି

ଭୁବନେଶ୍ୱର,୮।୭(ଶର୍ମିଷ୍ଠା ପାଣିଗ୍ରାହୀ)

ପ୍ରଖ୍ୟାତ ସିତାର ବାଦକ ପଣ୍ଡିତ ସୁରମଣି ବାଉରୀବନ୍ଧୁ ସେଠୀଙ୍କ ସ୍ମୃତିରେ ଶାସ୍ତ୍ରୀୟ ସଙ୍ଗୀତ କାର୍ଯ୍ୟକ୍ରମ 'ଶ୍ରଦ୍ଧାଞ୍ଜଳି' ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ପୁରାତନ ପ୍ରେକ୍ଷାଳୟଠାରେ ଆରମ୍ଭ ହୋଇଛି। ଦିଲ୍ଲୀର ସାଂସ୍କୃତିକ ସଂଗଠନ 'ସ୍ୱରାଞ୍ଜଳି' ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମ ଦୁଇଦିନ ଧରି ଚାଲିବ। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଉଚ୍ଚଶିକ୍ଷା ବିଭାଗ ସଚିବ ମନୋରଞ୍ଜନ ନାୟକ, ସ୍ୱତନ୍ତ୍ର ଅତିଥି ଭାବେ ଡ. କେଶବ ଚନ୍ଦ୍ର ଜେନା, ସମ୍ମାନିତ ଅତିଥି ଭାବେ ଡ. ଶକୁନ୍ତଳା ବଳିଆରସିଂହ ଏବଂ ସାମାଜିକ କର୍ମୀ ସୀମା ପଟ୍ଟନାୟକ ଯୋଗଦେଇଥିଲେ। ଏହି ଅବସରରେ ଅନୁଷ୍ଠାନ ପକ୍ଷରୁ 'ପଣ୍ଡିତ ସୁରମଣି ବାଉରୀବନ୍ଧୁ ସେଠୀ ସମ୍ମାନ'ରେ ଗୁରୁଜୀଙ୍କ ସହଧର୍ମିଣୀ ପଙ୍କଜିନୀ ସେଠୀଙ୍କୁ ସମ୍ମାନିତ କରାଯାଇଥିଲା। ପରେ ଆୟୋଜିତ ଶାସ୍ତ୍ରୀୟ ସଙ୍ଗୀତ କାର୍ଯ୍ୟକ୍ରମର ପ୍ରଥମ ପର୍ଯ୍ୟାୟରେ ଯୁବ ସିତାର ଶିଳ୍ପୀଙ୍କ ଦ୍ୱାରା ବୃନ୍ଦ ସିତାର ବାଦନ କରାଯାଇଥିଲା। ଏହାକୁ ସଂଯୋଜନା କରିଥିଲେ ଗୁରୁ ଜୀବନ ପ୍ରକାଶ ଦାସ ଓ ପରିଚାଳନା କରିଥିଲେ ଅଧ୍ୟାପକ ଗୁରୁଶ୍ରୀ ସୌନ୍ଦର୍ଯ୍ୟ ରଞ୍ଜନ ରାୟ। ଦ୍ୱିତୀୟ ଅର୍ଘ୍ୟରେ ହିନ୍ଦୁସ୍ଥାନୀ ଶାସ୍ତ୍ରୀୟ ଯନ୍ତ୍ର ସଙ୍ଗୀତରେ 'ହଂସବୀଣା' ପରିବେଷଣ କରିଥିଲେ କୋଲକାତାର ପଣ୍ଡିତ ଶୁଭାଶିଷ ବୋଷ। ତାଙ୍କୁ ତବଲାରେ ପଣ୍ଡିତ ସୁଶୋମୟ ମିଶ୍ର ସହଯୋଗ କରିଥିଲେ। କୋଲକାତାରୁ ଆସିଥିବା ଅନ୍ୟତମ ଶିଳ୍ପୀ ବିଦୁଷୀ ରୋଜି ଦତ୍ତ ଏକତାଳ ଓ ତିନତାଳ ପରେ ଠୁମୁରୀ ଓ ଦାଦରା ପରିବେଷଣ କରିଥିଲେ। ତାଙ୍କୁ ତବଲାରେ ପଣ୍ଡିତ ଅମିୟ ଚାଟାର୍ଜୀ ଓ ହାରମୋନିୟମରେ ପଣ୍ଡିତ ଶାୟନ ଚାଟାର୍ଜୀ ସହଯୋଗ କରିଥିଲେ। ଜ୍ଞାନଆନନ୍ଦ ସାଗର କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ସୁବ୍ରତ ଦେ ଧନ୍ୟବାଦ ଅର୍ପଣ କରିଥିଲେ।

## ସଡ଼କ ଦୁର୍ଘଟଣାରେ ଯୁବକ ମୃତ

ବାଲିପାଟଣା,୮।୭(ଅଭିମନ୍ୟୁ ନାୟକ)

ସରଦେଇପୁର-ନିମାପଡ଼ା ରାସ୍ତାର ସରିପୁର ଛକ ନିକଟରେ ସଡ଼କ ଦୁର୍ଘଟଣାରେ ଜଣେ ଯୁବକଙ୍କର ମୃତ୍ୟୁ ଘଟିଛି। ମୃତକ ହେଲେ ଏସ୍.କେ ସୋଏ। ସୂଚନା ମୁତାବକ, ସୋଏ ବାଲିପାଟଣା ଛକପଟୁ ଅଠାନ୍ତର ଅଭିମୁଖେ ପଲସର (ଓ ୦୨ ଏଟି ୨୫୪୩)ରେ ଯାଉଥିଲେ। ସରିପୁର ଛକ ନିକଟରେ କୌଣସି କାରଣରୁ ହଠାତ ବ୍ରେକ ମାରବାରୁ ଛିଟିକି ପଡ଼ିଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି କ୍ୟାପିଟାଲ ହସ୍ପିଟାଲ ପଠାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବାଲିପାଟଣା ପୋଲିସ ଏକ ମାମଲା (ନଂ.୩୩୯/୨୪) ରୁଜୁକରି ତଦନ୍ତ ଚଳାଇଛି।

## ଯୋଗସାଧନ କେନ୍ଦ୍ରର ବାର୍ଷିକ ଉତ୍ସବ

ଭୁବନେଶ୍ୱର,୮।୭(ଶର୍ମିଷ୍ଠା ପାଣିଗ୍ରାହୀ)

ଭାରତୀୟ ଯୋଗ ସଂସ୍ଥାନ ନୂଆଦିଲ୍ଲୀ ପକ୍ଷରୁ ପରିଚାଳିତ ନିଃଶୁଳ୍କ ଯୋଗସାଧନା କେନ୍ଦ୍ରର ୧୭ତମ ବାର୍ଷିକ ଉତ୍ସବ ବିଜୁ ପଟ୍ଟନାୟକ ପାର୍କ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପ୍ରାୟ ୩୦୦ରୁ ଊର୍ଦ୍ଧ୍ୱ ଯୋଗପ୍ରେମୀ ଏଥିରେ ଅଂଶ ଗ୍ରହଣ କରିଥିଲେ। କାର୍ଯ୍ୟକ୍ରମକୁ ଦ ଆର୍ଟ ଅଫ୍ ଲିଭିଙ୍ଗ ଇଣ୍ଟରନ୍ୟାଶନାଲ୍ ଅର୍ଗାନାଇଜେଶନ୍ ଓଡ଼ିଶାର ରାଜ୍ୟ ସଂଯୋଜକ ସତ୍ୟବ୍ରତ ପାଢ଼ୀ ଉଦ୍‌ଘାଟନ କରିଥିଲେ। ଉତ୍ସବରେ ଭାରତୀୟ ଯୋଗ ସଂସ୍ଥାନର ଓଡ଼ିଶା ପ୍ରାନ୍ତ ମୁଖ୍ୟ ସୁରେଶ କୁମାର ମହାପାତ୍ର ଅଧ୍ୟକ୍ଷତା କରି ସଂସ୍ଥାନ ତରଫରୁ ନିଃଶୁଳ୍କ ଯୋଗ ଶିକ୍ଷା, ସମାଜ ସେବା, ବୃକ୍ଷରୋପଣ ତଥା ପରିବେଶ ସୁରକ୍ଷା କାର୍ଯ୍ୟକ୍ରମ ସମ୍ପର୍କରେ କହିଥିଲେ। ଜିଲା ପ୍ରଧାନ ଡ. ପ୍ରଫୁଲ୍ଲ କୁମାର ତ୍ରିପାଠୀ, ଜିଲା ମନ୍ତ୍ରୀ ଗୋପାଳକୃଷ୍ଣ ବେହେରା, ଜିଲା ସଂଗଠନ ମନ୍ତ୍ରୀ ଗୋବିନ୍ଦ ଚନ୍ଦ୍ର ପାଢୀ, କ୍ଷେତ୍ର ପ୍ରଧାନ ସବିତା ପଣ୍ଡା, କେନ୍ଦ୍ର ପ୍ରମୁଖ ରେବତୀ ବଲ୍ଲଭ ସାମନ୍ତରାୟ ଉପସ୍ଥିତ ଥିଲେ। ଉପସ୍ଥିତ ସାଧିକାସାଧକମାନଙ୍କୁ ଯୋଗ ଶିକ୍ଷକ ସ୍ମୃତି ଶେଖରଜୀ, ସସ୍ମିତାଜୀ, ମଞ୍ଜୁଳି, ପୁଷ୍ପାଞ୍ଜଳିଜୀ, ପ୍ରତିମାଜୀ ପ୍ରମୁଖ ସୂକ୍ଷ୍ମକ୍ରିୟା, ଆସନ, ଅନୁଲୋମ ବିଲୋମ, ଭ୍ରମରୀ, ପ୍ରାଣାୟାମ ଆଦି ଅଭ୍ୟାସ କରାଇଥିଲେ। ଶେଷରେ ସବିତା ପଣ୍ଡା ସାମୂହିକ ପ୍ରାର୍ଥନା ଓ ଶାନ୍ତିପାଠ କରିଥିଲେ। ଗୌରାଙ୍ଗ ଚରଣ ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା ଓ ଇନ୍ଦ୍ରମଣି ନାହାକ ଧନ୍ୟବାଦ ଅର୍ପଣ କରିଥିଲେ।

## ମହାପ୍ରଭୁଙ୍କୁ ରଥରୁ ଓହ୍ଲାଇ ରାସ୍ତାରେ ବସାଇଦେଲେ

ବୋଲଗଡ଼,୮।୭(ଦେବବ୍ରତ ହୋତା)

ଖୋର୍ଦ୍ଧା ଜିଲା ବୋଲଗଡ଼ ଅଞ୍ଚଳର ତୃତୀୟାଦେବ (ଜଗନ୍ନାଥ)ଙ୍କ ରଥଯାତ୍ରା ଅବସରରେ ରବିବାର ସନ୍ଧ୍ୟାରେ ଗୁଣ୍ଡିଚାଘର (ନନ୍ଦିଘୋଷ ଭବନ) ସମ୍ମୁଖରେ ମରଥ ପହଞ୍ଚିଥିଲା। ତେବେ ସେଠାରେ ରଥରୁ ଠାକୁରମାନଙ୍କୁ ଓହ୍ଲାଇବା ପରେ ପରିଚାଳନାଗତ ବିଭ୍ରାଟକୁ ନେଇ ମହାପ୍ରଭୁଙ୍କୁ ରାସ୍ତାରେ ବସେଇ ଦିଆଯାଇଥିଲା। ଏହାକୁ ନେଇ ଶ୍ରଦ୍ଧାଳୁମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଘଟଣାର ସମାଧାନ ପରେ ପହଣ୍ଡି କରି ପ୍ରସ୍ତୁତ ହୋଇଥିବା ଜନ୍ମବେଦିକୁ ଠାକୁରଙ୍କୁ ନିଆଯାଇଥିଲା। ଭାଜପା ରାଜ୍ୟ କୃଷକ ମୋର୍ଚ୍ଚା କୋଷାଧକ୍ଷ ବିଶ୍ୱଜିତ ସ୍ୱାଇଁ ଏହି ଘଟଣାର ନିନ୍ଦା କରିବା ସହ ତଦନ୍ତ ଦାବି କରିଛନ୍ତି।



## ମାଉସୀ ମା' ମନ୍ଦିରରେ ପହଞ୍ଚିଲା ରଥ

ପୁରୁଣା ଭୁବନେଶ୍ୱର, ୮।୭(ସୁବାସ ଚନ୍ଦ୍ର ପ୍ରଧାନ)

ରାଜଧାନୀ ଉପକଣ୍ଠ ପୂବାଶାସନ ଗ୍ରାମର ଆରାଧ୍ୟ ପତିତପାବନ ଜୀଉଙ୍କ ୨୯ତମ ରଥଯାତ୍ରା ଅନୁଷ୍ଠିତ ହୋଇଯାଇଛି। ପ୍ରାତଃରୁ ସମସ୍ତ ନୀତିକାନ୍ତି ପରେ ପଣ୍ଡିତ ପ୍ରମୋଦ କୁମାର ଶତପଥୀ ରଥରେ ଛେରାପହଁରା କରିଥିଲେ। ପରେ ଭକ୍ତମାନେ ରଥକୁ ଗୋପୀନାଥ ମନ୍ଦିରଠାରୁ ଟାଣି ଟାଣି ଶ୍ରୀଜୀଉଙ୍କ ମାଉସୀମା ମନ୍ଦିର ଭଗବତ ବାସୁଦେବ ମନ୍ଦିରକୁ ଟାଣି ନେଇଥିଲେ। ଗ୍ରାମର ନିରଞ୍ଜନ ଦାଶ, ଦେବାଶିଷ ମହାପାତ୍ର, ରାହୁଲ ମହପାତ୍ର, ମଧୁସୂଦନ ମହାପାତ୍ର, ସୁନୀଲ କୁମାର ପଣ୍ଡା, ସୁନୀଲ ମହାପାତ୍ର, ପ୍ରଭୁ ପଣ୍ଡା, ରାଜା ଦାଶ, ସୁଜିତ ଦାଶ ପ୍ରମୁଖ ସହଯୋଗ କରିଥିଲେ। ସେହିଭଳି ସୁନ୍ଦରପଦା ପାଟଣାସାହି ଅଞ୍ଚଳରେ ରଥଯାତ୍ରା ଅନୁଷ୍ଠିତ ହୋଇଯାଇଛି।



## ବିଏମ୍‌ପିଏସ୍ ତକ୍ଷଶିଳା ସ୍କୁଲରେ ରଥଯାତ୍ରା

### ମହାପ୍ରଭୁଙ୍କୁ ନେଇ ନୃତ୍ୟ, ଭଜନ, କୁଇଜ୍, ପେଣ୍ଟି ପ୍ରତିଯୋଗିତା

ଭୁବନେଶ୍ୱର,୮।୭: (ଅଭୟ ଦାଶ)

ଭୁବନେଶ୍ୱରର ଆଇଆର୍‌ସି ଭିଲେଜ ଏନ୍-୫ ନୟାପଲ୍ଲୀସ୍ଥିତ ବିଏମ୍‌ପିଏସ୍ ତକ୍ଷଶିଳା ସ୍କୁଲ ପରିସରରେ ବିଶ୍ୱପ୍ରସିଦ୍ଧ ରଥଯାତ୍ରା ପାଳିତ ହୋଇଯାଇଛି। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପହଣ୍ଡି ବିଜେ, ଛେରାପହଁରା, ଓଡ଼ିଶୀ ଏବଂ ଗୋଟିପୁଅ ନୃତ୍ୟ ସହିତ ଭଜନ, କୁଇଜ୍, ପେଣ୍ଟି ଭଳି ବିଭିନ୍ନ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ଦ୍ୱାରା ପ୍ରସ୍ତୁତ ରଥକୁ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀଶିକ୍ଷକ ଓ କର୍ମଚାରୀ ଟାଣିଥିଲେ। ପ୍ରାୟ ୨ କି.ମି. ଟଣାଯାଇ ପୁନର୍ବାର ସ୍କୁଲ ପରିସରକୁ ଅଣାଯାଇଥିଲା। ରଥ ଟଣା ସହ ଛାତ୍ରୀଛାତ୍ରଙ୍କ ଦ୍ୱାରା ଓଡ଼ିଶୀ ନୃତ୍ୟ ପ୍ରଦର୍ଶନ କରାଯାଇଥିଲା। ସେହିଭଳି ଛାତ୍ରୀଛାତ୍ରଙ୍କ ଦ୍ୱାରା ପ୍ରସ୍ତୁତ ଚିତ୍ରଗୁଡ଼ିକୁ ବଣ୍ଟନ କରାଯାଇଥିଲା। ଚିତ୍ରକଳାରେ ରଥଯାତ୍ରା ଓ ଏହାର ସାଂସ୍କୃତିକ ମହତ୍ତ୍ୱ ସହ ଛାତ୍ରୀଛାତ୍ରଙ୍କ ସୃଜନଶୀଳତା ପରିପ୍ରକାଶ ହୋଇଥିଲା। ବିଏମ୍‌ପିଏସ ତକ୍ଷଶିଳାର ଚେୟାରମ୍ୟାନ ଟୁଟୁଲ କିଶୋର ଦାସ ଏବଂ ନିର୍ଦ୍ଦେଶିକା ସିକତା ଦାସଙ୍କ ସହଯୋଗରେ ପ୍ରିନ୍ସିପାଲ୍ ଲିପ୍ସିତା ମହାନ୍ତି ଓ ବରିଷ୍ଠ ସଂଯୋଜକ ପୁଷ୍ପିତା ଉପାଧ୍ୟାୟ ଏ ସମସ୍ତ କାର୍ଯ୍ୟକ୍ରମକୁ ସଫଳତାର ସହ ସମାପନ କରିଥିଲେ। ପାରମ୍ପରିକ ସଙ୍ଗୀତ ସହ ଭକ୍ତି ଭଜନ ଆଧ୍ୟାତ୍ମିକ ଓ ଆନନ୍ଦର ବାତାବରଣ ସୃଷ୍ଟି କରିଥିଲା।


ବିଏମ୍‌ପିଏସ୍ ତକ୍ଷଶିଳା ସ୍କୁଲରେ ଅନୁଷ୍ଠିତ ରଥଯାତ୍ରା।

# ମିଆୱାକି ପଦ୍ଧତିରେ ଲଗାଯିବ ୧ଲକ୍ଷ ଗଛ

### ସହର ସବୁଜିମା ପାଇଁ ବିଏମ୍‌ସିର ନୂଆ ଯୋଜନା

ଭୁବନେଶ୍ୱର, ୮।୭ (ବନ୍ଦନା ସେଠୀ)

ସବୁଜିମା ଭରା ରାଜଧାନୀ ଭୁବନେଶ୍ୱର ଏବେ କଂକ୍ରିଟ୍ ଜଙ୍ଗଲରେ ପରିଣତ ହୋଇଛି। ତେଣୁ ଖରାଦିନେ ଗରମ ଓ ଗୁଳୁଗୁଳିରେ କଲବଲ ହେଉଛନ୍ତି ସହରବାସୀ। ଜନସଂଖ୍ୟା ଅନୁପାତରେ ଗଛ ନ ଥିବାରୁ ପରିବେଶ ସନ୍ତୁଳନ ରକ୍ଷା ହୋଇପାରୁ ନାହିଁ। ସେହିପରି ଚଳିତବର୍ଷ ଯେଉଁଭଳି ଭାବେ ଖରା ଅନୁଭୂତ ହୋଇଥିଲା ତାହା ପୂର୍ବରୁ କେବେ ହୋଇ ନ ଥିଲା। ତେଣୁ ଏହାର ପୁନରାବୃତ୍ତି ଯେପରି ନ ହୁଏ ଓ ରାଜଧାନୀବାସୀଙ୍କୁ ସୁସ୍ଥ ଶୀତଳ ସବୁଜିମା ଭରା ପରିବେଶ ଦେବାକୁ ବିଏମ୍‌ସି ପକ୍ଷରୁ ଚାରା ବଦଳରେ ଗଛ ରୋପଣ ପାଇଁ ନୂଆ ଯୋଜନା କରାଯାଇଛି। ଚଳିତ ବର୍ଷ 'ମିଆୱାକି' ପଦ୍ଧତିରେ ୧ଲକ୍ଷ ଗଛ ଲଗାଯିବ। ଏଥିରେ ଫୁଲ, ଫଳ, ଛାଇ ଦେବାଭଳି ବଡବଡ ଗଛକୁ ପ୍ରାଧାନ୍ୟ ଦିଆଯିବ। ଏଥିପାଇଁ ଓଡିଶା ଫରେଷ୍ଟ ଡେଭଲପ୍‌ମେଣ୍ଟ କର୍ପୋରେଶନ (ଓଏଫ୍‌ଡିସି)କୁ ୧ଲକ୍ଷ ଗଛ ମାଗିଛି ବିଏମ୍‌ସି। ଆବଶ୍ୟକତା ଅନୁଯାୟୀ ଓଏଫ୍‌ଡିସି ଗଛ ଯୋଗାଇବ ଏବଂ ବିଏମ୍‌ସି ଲଗାଇବ। ଜୁଲାଇ ୧୫ରୁ ଅଗଷ୍ଟ ୧୫ ପର୍ଯ୍ୟନ୍ତ ଏହି ସାମୂହିକ ବୃକ୍ଷରୋପଣ ଅଭିଯାନ ଚାଲିବାକୁ ଥିଲେ ମଧ୍ୟ ବିଏମ୍‌ସି ପକ୍ଷରୁ ଏଯାଏ ପର୍ଯ୍ୟାପ୍ତ ଜାଗା ଚିହ୍ନଟ ହୋଇପାରି ନ ଥିବା ଜଣାପଡିଛି।



ଜୁନ୍ ୧୦ରେ ରାଜ୍ୟ ଗୃହ ଓ ନଗର ଉନ୍ନୟନ ବିଭାଗର ବରିଷ୍ଠ ଅଧିକାରୀଙ୍କ ନେତୃତ୍ୱରେ ବସିଥିବା ଅନ୍ତରୀଣ ବୈଠକରେ ବିଏମ୍‌ସିର ସମସ୍ତ ଡେପୁଟି କମିଶନର ଓ ଜୋନାଲ ଡେପୁଟି କମିଶନରଙ୍କୁ ଡକାଯାଇ ଏନେଇ ଆଲୋଚନା କରାଯାଇଥିଲା। ଗଛ ଲଗାଇବା ପାଇଁ ଖାଲି ସ୍ଥାନ ଚିହ୍ନଟ କରିବାକୁ ବିଏମ୍‌ସି ଅଧିକାରୀଙ୍କୁ କୁହାଯାଇଥିଲା। ଏଥିସହ ଗଛ ଲାଗୁଥିବା ସ୍ଥାନ ସରକାରୀ କି ଘରୋଇ, ତା'ର ବର୍ତ୍ତମାନର ସ୍ଥିତି କ'ଣ ଅଛି ସେ ସବୁର ସର୍ଭେ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଏହାପରେ ବିଏମ୍‌ସି ପକ୍ଷରୁ ସହରର ୩ଟି ଯାକ ଜୋନ୍ ସର୍ଭେ କରାଯାଇ ମୋଟ୍ ୫୨ ହଜାର ୮୦୫ଟି ଗଛ ଲାଗିବା ପାଇଁ ଜାଗା ଚିହ୍ନଟ କରାଯାଇଛି। ତେବେ ଆଉ ଅଧା ଗଛ ପାଇଁ ଜାଗା ଚୟନ ଏବେ ସମସ୍ୟା ପାଲଟିଛି।

ସୂଚନା ଅନୁଯାୟୀ, ବିଏମ୍‌ସିର ଉତ୍ତର ଜୋନରେ ମୋଟ୍ ୧୭ହଜାର ୪୪୦ଟି ଗଛ ଲାଗିବାକୁ ଥିବାବେଳେ ସେଥିରୁ ପାର୍କରେ ୧୧ହଜାର ୧୮୦ଗଛ, ଶ୍ମଶାନରେ ୨ହଜାର ୨ଶହ ଗଛ ଏବଂ ବିଭିନ୍ନ ଶିକ୍ଷାନୁଷ୍ଠାନ ଓ ଏଭିନ୍ୟୁରେ ୪ହଜାର ୬୦ଟି ଗଛ ଲଗାଯିବ। ଦକ୍ଷିଣ ପଶ୍ଚିମ ଜୋନ୍‌ରେ ୧୩ହଜାର ୯୨୦ଟି ଗଛ ଲାଗିବାକୁ ଥିବାବେଳେ ସେଥିରୁ ୪ହଜାର ୫ଶହଟି ପାର୍କ, ୩ହଜାର ୩ଶହଟି ଶ୍ମଶାନ ଏବଂ ୬ହଜାର ୧୨୦ଟି ବିଭିନ୍ନ ଶିକ୍ଷାନୁଷ୍ଠାନ ଓ ଏଭିନ୍ୟୁରେ ଲଗାଯିବ। ସେହିପରି ଦକ୍ଷିଣ ପୂର୍ବ ଜୋନ୍‌ରେ ମୋଟ୍ ୨୧ହଜାର ୪୪୫ଟି ଗଛ ଲଗାଯିବ। ଏଥିରୁ ପାର୍କରେ ୩ହଜାର ୨୧୫ଟି ଗଛ, ଶ୍ମଶାନରେ ୯ହଜାର ୩୫୦ ଏବଂ ଶିକ୍ଷାନୁଷ୍ଠାନ ଓ ଏଭିନ୍ୟୁରେ ୮ହଜାର ୮୮୦ଟି ଗଛ ଲଗାଯିବାକୁ ସ୍ଥିର ହୋଇଛି। ଏଥିପାଇଁ ପ୍ରତି ଜୋନ୍‌ରେ ୩ଜଣ ଲେଖାଏ ସୁପରଭାଇଜରଙ୍କୁ ଦାୟିତ୍ୱ ଦିଆଯାଇଛି।

ସୂଚନାଯୋଗ୍ୟ, ଗତବର୍ଷ ବିଏମ୍‌ସି ପକ୍ଷରୁ ବିଭିନ୍ନ ସ୍ଥାନରେ ମୋଟ୍ ୧୦ହଜାର ଗଛ ଲଗାଯାଇଥିଲା। ତେବେ ସେଥିରୁ କେତେ ଗଛ ବଞ୍ଚିଛି ସେ ନେଇ ବିଏମ୍‌ସି ପାଖରେ ହିସାବ ନାହିଁ। ସେହିପରି ପୂର୍ବବର୍ଷ ବିଭିନ୍ନ ଶିକ୍ଷାନୁଷ୍ଠାନଗୁଡିକରେ ଶତାଧିକ ଗଛ ଲଗାଯାଇଥିବାବେଳେ ତାହାର ରକ୍ଷଣାବେକ୍ଷଣ ଠିକ୍ ଭାବେ ହୋଇପାରି ନ ଥିଲା। ଶିକ୍ଷାନୁଷ୍ଠାନ ଭିତରେ ପଶି ବିଏମ୍‌ସି ସମ୍ପୃକ୍ତ ଗଛର ରକ୍ଷଣାବେକ୍ଷଣ କରିପାରିବ ନାହିଁ। ତେଣୁ ଅବହେଳାରେ ଅଧିକାଂଶ ଗଛ ମରି ଯାଇଥିବା ଜଣେ ଅଧିକାରୀ କହିଛନ୍ତି। ଏପରି ସ୍ଥିତିରେ ଚଳିତବର୍ଷ ପୁଣିଥରେ ପ୍ରାୟ ୧୯ହଜାର ଗଛ ବିଭିନ୍ନ ଶିକ୍ଷାନୁଷ୍ଠାନରେ ଲଗାଇବାକୁ ବିଏମ୍‌ସି ଯୋଜନା ରଖିଛି। ସେହିପରି ଗଛ ଲଗାଇବାକୁ ବିଏମ୍‌ସି ପାଖରେ ପର୍ଯ୍ୟାପ୍ତ ଜାଗା ନ ଥିବାରୁ ଗଛ ନେବା ପାଇଁ କେତେବେଳେ ରେସିଡେନ୍ସିଆଲ ୱେଲ୍‌ଫେୟାର ଆସୋସିଏଶନ ତ କେତେବେଳେ ବିଭିନ୍ନ ସଂଗଠନ ସହ ଯୋଗାଯୋଗ କରୁଥିବା ଦେଖାଯାଉଛି।

### ମିଆୱାକି ପଦ୍ଧତି କ'ଣ?

ମିଆୱାକି ପଦ୍ଧତିରେ ଛୋଟଛୋଟ ସ୍ଥାନରେ ଅଧିକ ଚାରା ବା ଗଛ ଲଗାଯାଇଥାଏ। ଅନ୍ୟ ପଦ୍ଧତି ତୁଳନାରେ ଏଥିରେ ୧୦ ପ୍ରତିଶତ ଶୀଘ୍ର ବଢ଼ିଥାଏ। ଗଛଗୁଡିକ ପାଖାପାଖି ରହିଥିବାରୁ ଏମାନଙ୍କ ଉପରେ ପାଣିପାଗ ପରିବର୍ତ୍ତନର ବିଶେଷ କୁପ୍ରଭାବ ପଡି ନ ଥାଏ। ଏପରିକି ଖରାଦିନେ ମଧ୍ୟ ବୃକ୍ଷରେ ସବୁଜିମା ଭରିରୁହେ। ସାଧାରଣତଃ ଗୋଟିଏ ଜଙ୍ଗଲ ସୃଷ୍ଟି ହେବାପାଇଁ ଶହେ ବର୍ଷ ସମୟ ଲାଗିଥିବାବେଳେ ଏହି ପଦ୍ଧତିରେ ପ୍ରାୟ ୨୦/୨୫ ବର୍ଷ ଭିତରେ ହିଁ ଜଙ୍ଗଲ ସୃଷ୍ଟି ହୋଇଥାଏ। ଜଙ୍ଗଲ କ୍ଷେତ୍ର ବ୍ୟତୀତ ମିଆୱାକି ପଦ୍ଧତିରେ ଘରମାନଙ୍କରେ ଗାର୍ଡେନ୍‌ରେ ମଧ୍ୟ ପ୍ରୟୋଗ କରାଯାଏ। ଏହାକୁ ଜାପାନର ଅକିରା ମିଆୱାକି ନାମକ ଜଣେ ବନସ୍ପତିଶାସ୍ତ୍ରୀ ଉଦ୍ଭାବନ କରିଥିଲେ। ୨୦୧୪ରେ ମିଆୱାକି ଏହି ପଦ୍ଧତିର ପ୍ରୟୋଗ କରି ହିରୋସିମା ସମୁଦ୍ରତଟ ଅଞ୍ଚଳରେ ବୃକ୍ଷର ଏକ ପାଚେରି ନିର୍ମାଣ କରିଥିଲେ, ଯାହା ସହରକୁ ସୁନାମୀ ଠାରୁ ରକ୍ଷା କରିବାରେ ସହାୟକ ହୋଇଥିଲା। ସେବେଠାରୁ ଏହି ପଦ୍ଧତି ବିଶ୍ୱରେ ଆଦୃତି ଲାଭ କରିଛି।

## ସଂକ୍ଷେପରେ

### ଚଳନ୍ତା ଟ୍ରେନ୍‌ରୁ ଖସି ଯୁବକଙ୍କ ମୃତ୍ୟୁ

ବୋଲଗଡ଼,୮।୭(ଦେବବ୍ରତ ହୋତା)

ବୋଲଗଡ଼ ସ୍ଥିତ ଟାଉନ ଷ୍ଟେଶନଠାରେ ଚଳନ୍ତା ଟ୍ରେନ୍‌ରୁ ଖସିପଡିବାରୁ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଘୋରଡିଆ ଗ୍ରାମର ପ୍ରତାପ ଚନ୍ଦ୍ର ପରିଡା ଓରଫ କାଳିଆ। ସୂଚନା ମୁତାବକ, ଦଶପଲ୍ଲାଠାରୁ ପୁରୀ ଅଭିମୁଖେ ଯାଉଥିବା ଟ୍ରେନ ବୋଲଗଡ଼ ଟାଉନ ଷ୍ଟେଶନଠାରେ ସକାଳ ୭ଟା ୩୩ରେ ପହଞ୍ଚିଥିଲା। ଉକ୍ତ ଟ୍ରେନ୍‌ରେ ଯାତ୍ରା କରିବା ପାଇଁ ପ୍ରତାପ ଉଠିଥିଲେ। ତେବେ ଟ୍ରେନ୍‌ଟି ଷ୍ଟେଶନ ଛାଡିବା କ୍ଷଣି ପ୍ରତାପ ହଠାତ୍ ତଳକୁ ଖସିପଡ଼ିଥିଲେ। ଫଳରେ ସେ ଗୁରୁତର ଆହତ ହୋଇଥିଲେ। ଖବରପାଇ ଅଗ୍ନିଶମ ବାହିନୀ ପହଞ୍ଚି ତାଙ୍କୁ ଉଦ୍ଧାର କରି ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଟ୍ରାକମ୍ୟାନ ପୀତବାସ ମହାରଣାଙ୍କ ସୂଚନା ଆଧାରରେ ମାଣିକାଗୋଡା ଷ୍ଟେଶନ ମାଷ୍ଟରଙ୍କ ଠାରୁ ରିପୋର୍ଟ ପାଇ ଖୋର୍ଦ୍ଧାରୋଡ୍ ଜିଆରପି ଥାନା ପକ୍ଷରୁ ୪୩/୨୪ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି। ଉକ୍ତ ଥାନାର ସବ ଇନ୍ସପେକ୍ଟର ଅଭିମନ୍ୟୁ ସେଠୀ ପହଞ୍ଚିବା ପରେ ସନ୍ଧ୍ୟା ୬ଟାରେ ବୋଲଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରୁ ମୃତଦେହ ବ୍ୟବଚ୍ଛେଦ ନିମନ୍ତେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିଲା।

### ବିଶ୍ୱଶାନ୍ତି ଚଣ୍ଡୀ ଯଜ୍ଞ ଉଦ୍‌ଯାପିତ

ବାଣପୁର,୮।୭(ଦିଲୀପ ସ୍ୱାଇଁ)

ଗମ୍ଭାରୀମୁଣ୍ଡା ଗ୍ରାମର ଆରାଧ୍ୟ ଆଙ୍କୁଲେଶ୍ୱରୀ ଦେବୀଙ୍କ ପୀଠରେ ଚାରିଦିନ ବ୍ୟାପୀ ଚାଲିଥିବା ବିଶ୍ୱଶାନ୍ତି ଚଣ୍ଡୀ ଯଜ୍ଞ ଉଦ୍‌ଯାପିତ ହୋଇଯାଇଛି। ଗତ ବୁଧବାର ଅଙ୍କୁରାରୋପଣ ହୋଇଥିବା ବେଳେ ଗୁରୁବାର କଳସ ଯାତ୍ରା ଓ ଯଜ୍ଞ ଆରମ୍ଭ ହୋଇଥିଲା। ଶୁକ୍ରବାର ପ୍ରାତଃରୁ ସୂର୍ଯ୍ୟ ପୂଜା, ଶାଳା ପୂଜା ସହ ଯଜ୍ଞ ଆରମ୍ଭ ହୋଇ ଶନିବାର ଅପରାହ୍ନରେ ପୂର୍ଣ୍ଣାହୁତି ହୋଇଥିଲା। ନଗର କୀର୍ତ୍ତନ, ଘଣ୍ଟ କାହାଳି ବାଜା, ହରିବୋଲ, ହୁଳହୁଳିରେ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ଗମ୍ଭାରୀମୁଣ୍ଡା ଗ୍ରାମବାସୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ଜଟଣୀ ନଗର ଭାଜପାର ଚାରାରୋପଣ କାର୍ଯ୍ୟକ୍ରମ

ଜଟଣୀ,୮।୭(ରବୀନ୍ଦ୍ରନାଥ ମହାକୁଡ଼)

ଜଟଣୀ ନଗର ଭାଜପା ପକ୍ଷରୁ ଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବଡ଼ନୁଆଗାଁ ଖେଳପଡିଆ ପରିସରରେ ଚାରା ରୋପଣ କରାଯାଇଥିଲା। ଭାଜପା ଜିଲା ଗଣମାଧ୍ୟମ ସଂଯୋଜକ ପ୍ରଦୀପ ଜେନାଙ୍କ ନେତୃତ୍ୱରେ ଏବଂ ଜଟଣୀ ନଗର ସଭାପତି ତିରୁପତି ଶତପଥୀ ଓ ଜଟଣୀ ନଗର ଯୁବମୋର୍ଚ୍ଚା ସଭାପତି ନାଗ ଭୂଷଣ ରାୟଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ନଗର ସାଧାରଣ ସମ୍ପାଦକ ପ୍ରଶାନ୍ତ ବରାଳ, ଚିତ୍ତରଞ୍ଜନ ସୁନ୍ଦରାୟ, ରଘୁନାଥ ନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଟି.ସୁଶାନ୍ତ ମହାପାତ୍ର, ଲଳିତ ରାଉତରାୟ, ସସ୍ମିତା ମହାପାତ୍ର, କିଶୋର ସାହୁ, ଶତ୍ରୁଜିତ ମହାନ୍ତି, ବିରଞ୍ଜନ ମହାନ୍ତିଙ୍କ ସହିତ ବହୁ ଭାଜପା କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

# ଆଡ଼ପ ଦର୍ଶନରେ ଭକ୍ତିମୟ ପରିବେଶ

ଖୋର୍ଦ୍ଧା,୮।୭(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଜାଗୁଲିପାଟଣା ସ୍ଥିତ ଶ୍ରୀଅନନ୍ତ ପୁରୁଷୋତ୍ତମ (ପୂର୍ଣ୍ଣବିଗ୍ରହ) ଏବଂ ମହାପ୍ରଭୁଙ୍କ ଲୀଳାକ୍ଷେତ୍ର ଗଡ଼ଖୋର୍ଦ୍ଧା ସ୍ଥିତ ଶ୍ରୀଜଗନ୍ନାଥ ରବିବାର ରଥାରୂଢ଼ ହୋଇ ଭକ୍ତଙ୍କ ଗହଣରେ ଯଥାକ୍ରମେ ଜାଗେଶ୍ୱର ଠାକୁରାଣୀ ପରିସର ଗୁଣ୍ଡିଚାମଣ୍ଡପ ଓ ଗଡ଼ ନିକଟ ଅସ୍ଥାୟୀ ଗୁଣ୍ଡିଚା ମଣ୍ଡପରେ ବିଜେ କରିଛନ୍ତି। ସୋମବାରଠାରୁ ମହାପ୍ରଭୁଙ୍କ ଆଡ଼ପ ଦର୍ଶନ ଆରମ୍ଭ ହୋଇଛି। ଭୋର ୫ଟାରେ ଦ୍ୱାରଫିଟା, ସାଢେ ୫ଟାରେ ମଙ୍ଗଳ ଆଳତି ପରେ ଅନ୍ୟାନ୍ୟ ନୀତି ହୋଇ ବାଳଭୋଗ ଲାଗି ହୋଇଥିଲା। ପରେ ସାଧାରଣ ଦର୍ଶନ ଆରମ୍ଭ ହୋଇଥିଲା। ସକାଳ ୮ଟାରୁ ମଧ୍ୟାହ୍ନ ପର୍ଯ୍ୟନ୍ତ ଦର୍ଶନ ଜାରି ରହିଥିଲା। ଅପରାହ୍ନ ୧ଟାରେ ଭୋଗ ଲାଗି ପରେ ଠାକୁରଙ୍କ କିଛି ସମୟ ଦିବା ପହଣ୍ଡି ପରେ ପୁଣି ଦର୍ଶନ ଆରମ୍ଭ ହୋଇଥିଲା। ଦିନସାରା ଭକ୍ତଙ୍କ



ଆଡ଼ପ ମଣ୍ଡପରେ ପୂର୍ଣ୍ଣବିଗ୍ରହ।

ସମାଗମ ଯୋଗୁ ଆଧ୍ୟାତ୍ମିକ ପରିବେଶ ରହିଥିଲା। ସନ୍ଧ୍ୟା ୬ଟାରେ ଆଳତି ଦର୍ଶନ ଲାଗି ଭକ୍ତଙ୍କ ପ୍ରବଳ ଭିଡ ଜମିଥିଲା। ସନ୍ଧ୍ୟାରେ ଆଡ଼ପ ମଣ୍ଡପ ଆଗରେ ସାଂସ୍କୃତିକ କାର୍ଯ୍ୟକ୍ରମ ଭଜନ ସମାରୋହ ହୋଇଥିଲା। ସେହିପରି ଗଡ଼ଖୋର୍ଦ୍ଧା ଭକ୍ତିମୟ ହୋଇଉଠିଛି। ନିକଟରେ ମହାପ୍ରଭୁଙ୍କ ଦର୍ଶନରେ ଭକ୍ତଙ୍କ ମହଲରେ ଆନନ୍ଦର ଲହରି ଖେଳିଯାଇଛି। ଆଡ଼ପ ଦର୍ଶନ ଲାଗି ସମସ୍ତଙ୍କ ମଧ୍ୟରେ ରହିଛି ଉତ୍ସାହ। ସକାଳ ମଙ୍ଗଳ ଆଳତି ଏବଂ ସାନ୍ଧ୍ୟ ଦର୍ଶନ ଲାଗି ବହୁ ଭକ୍ତଙ୍କ ସମାଗମ ହୋଇଥିଲା। ଆଡ଼ପ ମଣ୍ଡପ ନିକଟରେ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। ଏକ ଭକ୍ତିମୟ ପରିବେଶ ମଧ୍ୟରେ ଭକ୍ତ ଏବଂ ଭଗବାନ୍ ଏକାକାର ହୋଇଯାଇଛନ୍ତି। ଗବେଷକ ଗୋପାଳକୃଷ୍ଣ ଦାସ କହିଛନ୍ତି, ମାଦଳାପାଞ୍ଜି ଅନୁଯାୟୀ ମୋଗଲ ଆକ୍ରମଣ ସମୟରେ ପ୍ରଥମ ରାମଚନ୍ଦ୍ର ଦେବ ୧୫୭୫ରେ ଏଠାରେ ଶ୍ରୀଜଗନ୍ନାଥଙ୍କ ପ୍ରଥମ ନବକଳେବର କରାଇ ୮ବର୍ଷ ଶୂନ୍ୟ ଥିବା ଶ୍ରୀମନ୍ଦିର ରତ୍ନସିଂହାସନ ପୁନଃ ସଂସ୍ଥାପନ କରାଇଥିଲେ। ପୁନଶ୍ଚ ୧୬୦୭ ଓ ୧୭୩୩ରେ ଶ୍ରୀଜଗନ୍ନାଥ ଶ୍ରୀକ୍ଷେତ୍ର ଛାଡି ଏଠାରେ ଅବସ୍ଥାନ କରିଥିଲେ। ୨୦୧୪ ଜୁନ ୨୬ତାରିଖ ରଥଯାତ୍ରା ଦିନ ମୁକ୍ତିମଣ୍ଡପ ପଣ୍ଡିତଙ୍କ ଦ୍ୱାରା ଚତୁର୍ଦ୍ଧା ବିଗ୍ରହ ସ୍ଥାପନ କରାଯାଇଥିଲା। ଗତ ୩ବର୍ଷ ହେବ ରଥ ଆୟୋଜନ କରାଯାଇଛି। ଲୋକଙ୍କ ମଧ୍ୟରେ ଉତ୍ସାହ ଭରିଯାଇଛି।

## ମହାପ୍ରଭୁଙ୍କୁ ରଥରୁ ଓହ୍ଲାଇ ରାସ୍ତାରେ ବସାଇଦେଲେ



ବୋଲଗଡ଼,୮।୭(ଦେବବ୍ରତ ହୋତା)

ଖୋର୍ଦ୍ଧା ଜିଲା ବୋଲଗଡ଼ ଅଞ୍ଚଳର ତୃତୀୟାଦେବ (ଜଗନ୍ନାଥ)ଙ୍କ ରଥଯାତ୍ରା ଅବସରରେ ରବିବାର ସନ୍ଧ୍ୟାରେ ଗୁଣ୍ଡିଚାଘର (ନନ୍ଦିଘୋଷ ଭବନ) ସମ୍ମୁଖରେ ରଥ ପହଞ୍ଚିଥିଲା। ତେବେ ସେଠାରେ ରଥରୁ ଠାକୁରମାନଙ୍କୁ ଓହ୍ଲାଇବା ପରେ ପରିଚାଳନାଗତ ବିଭ୍ରାଟକୁ ନେଇ ମହାପ୍ରଭୁଙ୍କୁ ରାସ୍ତାରେ ବସେଇ ଦିଆଯାଇଥିଲା। ଏହାକୁ ନେଇ ଶ୍ରଦ୍ଧାଳୁମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଘଟଣାର ସମାଧାନ ପରେ ପହଣ୍ଡି କରି ପ୍ରସ୍ତୁତ ହୋଇଥିବା ଜନ୍ମବେଦିକୁ ଠାକୁରଙ୍କୁ ନିଆଯାଇଥିଲା। ଭାଜପା ରାଜ୍ୟ କୃଷକ ମୋର୍ଚ୍ଚା କୋଷାଧକ୍ଷ ବିଶ୍ୱଜିତ ସ୍ୱାଇଁ ଏହି ଘଟଣାର ନିନ୍ଦା କରିବା ସହ ତଦନ୍ତ ଦାବି କରିଛନ୍ତି।

# ମୃତ ଯୁବକଙ୍କ ଅଙ୍ଗଦାନ କଲା ପରିବାର



ଜିଲା ପ୍ରଶାସନ ପକ୍ଷରୁ ଗାର୍ଡ ଅଫ୍ ଅର୍ନର ପ୍ରଦାନ କରାଯାଉଛି।

ବେଗୁନିଆ, ୮।୭
(ହର ପ୍ରସନ୍ନ ପଣ୍ଡା/ ସନ୍ଧ୍ୟାରାଣୀ ମିଶ୍ର)

ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକ ଅଞ୍ଚଳର ଜଣେ ମୃତ ଯୁବକଙ୍କ ଅଙ୍ଗଦାନ ପରିବାର ଲୋକେ କରିଛନ୍ତି। ସମାଜ ପାଇଁ ମହତ ଲଭିଥିବା ମୃତ ଯୁବକଙ୍କୁ ଜିଲା ପ୍ରଶାସନ ପକ୍ଷରୁ ଗାର୍ଡ ଅଫ୍ ଅନର ଦିଆଯାଇ ସମ୍ମାନିତ କରାଯାଇଛି। ସୂଚନାଥାଉ କି, ରାଧାକାନ୍ତପୁର ପଞ୍ଚାୟତ ଅନ୍ତର୍ଗତ ଗଡ଼ତରା ଗ୍ରାମର କାହ୍ନୁଚରଣ ନାୟକ ଗତ କିଛିଦିନ ତଳେ ଦୁର୍ଘଟଣା ଜନିତ ଅସୁସ୍ଥତା ଯୋଗୁ ଚିକିତ୍ସାଧୀନ ଥିଲେ। ରବିବାର ତାଙ୍କର ମୃତ୍ୟୁ ଘଟିଥିଲା। ମୃତ୍ୟୁ ପରେ ତାଙ୍କ ଅଙ୍ଗଦାନ କରିବା ପାଇଁ ପରିବାର ଲୋକେ ଜିଲା ପ୍ରଶାସନର ସହଯୋଗ ଲୋଡିଥିଲେ। ଭୁବନେଶ୍ୱର ସ୍ଥିତ ଏମ୍ସ ହସ୍ପିଟାଲ କର୍ତ୍ତୃପକ୍ଷଙ୍କ ସହଯୋଗରେ ଡାକ୍ତରୀ ଦଳ ପକ୍ଷରୁ କାହ୍ନୁଚରଣଙ୍କ ଅସ୍ତ୍ରୋପଚାର କରାଯାଇ କିଡନୀ ଏବଂ ଲିଭର ଦାନ କରାଯାଇଥିଲା। ପରେ ଗ୍ରାମ ଶ୍ମଶାନରେ କାହ୍ନୁଚରଣଙ୍କୁ ଗାର୍ଡ ଅଫ ଅନର ଦିଆଯାଇଥିଲା। ବେଗୁନିଆ ଥାନା ଅଧିକାରୀ ଜ୍ୟୋତି ପ୍ରକାଶ ପଣ୍ଡା, ବିଧାୟକ ପ୍ରଦୀପ କୁମାର ସାହୁ, ସ୍ଥାନୀୟ ସରପଞ୍ଚଙ୍କ ପ୍ରତିନିଧି ମଳୟ ରଞ୍ଜନ ପଣ୍ଡାଙ୍କ ସହ ବହୁ ବ୍ୟକ୍ତି ଉପସ୍ଥିତ ଥିଲେ।

## ୧୪ରେ ମାଟ୍ରିକ ମେଧା ସମ୍ବର୍ଦ୍ଧନା ଉତ୍ସବ

ବୋଲଗଡ଼,୮।୭(ଦେବବ୍ରତ ହୋତା)

ବୋଲଗଡ଼ ଶିକ୍ଷା ବ୍ଲକ ଅଧୀନ ୨୮ଟି ମାଧ୍ୟମିକ ବିଦ୍ୟାଳୟ ସ୍ତରରେ ୨୦୨୪ମାଟ୍ରିକ ପରୀକ୍ଷାରେ ଶୀର୍ଷ ସ୍ଥାନ ଅଧିକାର କରିଥିବା ୨୮ଜଣ ମେଧାବୀ ଛାତ୍ରୀଛାତ୍ରଙ୍କ ସହିତ ସମସ୍ତ ଏ୧-ଗ୍ରେଡଧାରୀଙ୍କୁ ସାରିଆ ଭଗବାନ ମହନ୍ତ ମେମୋରିଆଲ ଟ୍ରଷ୍ଟ ଚିଲିକା ପକ୍ଷରୁ ଆସନ୍ତା ୧୪ତାରିଖରେ ବାମନ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ସମ୍ବର୍ଦ୍ଧିତ କରାଯିବା ପାଇଁପ୍ରସ୍ତୁତିବୈଠକ ଅନୁଷ୍ଠିତ ହୋଇଯାଇଛି। ଟ୍ରଷ୍ଟ ସଭାପତି ପ୍ରମୋଦ ସ୍ୱାଇଁ, ସମ୍ପାଦକ କୁନା ମହନ୍ତଙ୍କ ମିଳିତ ଆବାହକତ୍ୱରେ ଉକ୍ତ ସମ୍ବର୍ଦ୍ଧନା ସମାରୋହରେ ବିଧାୟକ ପ୍ରଦୀପ ସାହୁ, ଅଖିଳ ଭାରତୀୟ ଶୈକ୍ଷିକ ମହାସଂଘ ଓଡ଼ିଶାର ସଙ୍ଗଠନ ସମ୍ପାଦକ ନିରଞ୍ଜନ ମହାନ୍ତି, ବୋଲଗଡ଼ ବ୍ଲକ ଅଧକ୍ଷା ହୁଲାସ ପ୍ରଧାନ, ଜିଲା ପରିଷଦ ସଭ୍ୟା ସୁନନ୍ଦିତା ସାହୁ, ବୋଲଗଡ଼ ଗୋଷ୍ଠୀ ଶିକ୍ଷାଧିକାରୀ ଗୋକୁଳ ଚନ୍ଦ୍ର ବଳବନ୍ତରାୟ, ବାମନ ସରକାରୀ ଉଚ୍ଚ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ପୀତବାସ ଲେଙ୍କା, ପଦ୍ମ ଚରଣ ବେହେରା, ନୀଳାଦ୍ରି ଭୂଷଣ ଦାଶ, କୈଳାସନାଥ ସ୍ୱାଇଁ, ଧନେଶ୍ୱର ବିଧାର, ନିରଞ୍ଜନ ନାୟକ ପ୍ରମୁଖ ଯୋଗଦେବେ ବୋଲି ଜଣାପଡ଼ିଛି। ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ସମ୍ମାନିତ ହେବାକୁଥିବା ସମସ୍ତ ବିଦ୍ୟାର୍ଥୀ, ସେମାନଙ୍କ ଅଭିଭାବକ ଏବଂ ସମସ୍ତ ପ୍ରଧାନଶିକ୍ଷୟିତ୍ରୀ, ପ୍ରଧାନଶିକ୍ଷକ ଯୋଗଦେବା ପାଇଁ ଟ୍ରଷ୍ଟ ସଭାପତି ସ୍ୱାଇଁ ନିବେଦନ କରିଛନ୍ତି।

## ଦଧିବାମନ ଦେବଙ୍କ ସ୍ୱନକ୍ଷତ୍ର ମହୋତ୍ସବ

ବାଲୁଗାଁ,୮।୭(ସଂଗ୍ରାମ ପାଇକରାୟ)

ବାଲୁଗାଁ ଏନ୍ଏସି ଅନ୍ତର୍ଗତ ସାନ୍ତରାପୁର ଗ୍ରାମର ଦଧିବାମନ ଦେବଙ୍କ ପ୍ରଥମ ବାର୍ଷିକୋତ୍ସବ ଅବସରରେ ଗ୍ରାମବାସୀଙ୍କ ପକ୍ଷରୁ ସୋମବାର ସ୍ୱନକ୍ଷତ୍ର ମହୋତ୍ସବ ଆଡମ୍ବରରେ ପାଳିତ ହୋଇଯାଇଛି। ଗ୍ରାମରେ କାହିଁ କେଉଁକାଳରୁ ମହାପ୍ରଭୁ ଶ୍ରୀଜଗନ୍ନାଥ ମନ୍ଦିରରେ ଦଧିବାମନ ଦେବ ଭାବେ ପୂଜା ପାଇ ବିଭିନ୍ନ ପର୍ବ ଅନୁଷ୍ଠିତ ହେଉଛି। ତେବେ ମନ୍ଦିର ପ୍ରତିଷ୍ଠା ହେବା ପରେ ଶ୍ରୀବିଗ୍ରହ ପୁରାତନ ହୋଇ ଯାଇଥିବାରୁ ଗତ ବର୍ଷ ପୁରୀ ମୁକ୍ତି ମଣ୍ଡପ ପଣ୍ଡିତମାନଙ୍କ ତତ୍ତ୍ୱାବଧାନରେ ସମନ୍ତରାପୁର ଗ୍ରାମବାସୀ ସ୍ଥାନୀୟ ଘିଅଖଲା ଗ୍ରାମରୁ ଯଥାବିଧିରେ ଦାରୁ ନେଇ ଶ୍ରୀକ୍ଷେତ୍ର ଧାମ ପୁରୀରେ ପୂଜା ବିଧାନ ପରେ ଶ୍ରୀବିଗ୍ରହ ନିର୍ମାଣ କରାଯାଇଥିଲା। ପରେ ଗ୍ରାମବାସୀଙ୍କ ସମେତ ଆଖପାଖ ଅଞ୍ଚଳର ଲୋକେ ଦଧିବାମନ ଦେବଙ୍କ ଶ୍ରୀବିଗ୍ରହଙ୍କୁ ରଥରେ ବିରାଜମାନ କରାଇ ପାରମ୍ପରିକ ଶୋଭାଯାତ୍ରାରେ ପାଛୋଟି ନେଇ ନଗର ପରିକ୍ରମା କରାଇଥିଲେ। ଦଧିବାମନ ଦେବଙ୍କ ନବକଳେବର କରାଯିବା ଅବସରରେ ଗ୍ରାମରେ ଏକ ସପ୍ତାହେ ଧରି ଶ୍ରୀବିଗ୍ରହ ପ୍ରତିଷ୍ଠା ମହୋତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଥିଲା। ଏବେ ଏହାର



ଏକ ବର୍ଷ ପୂରଣ ହୋଇଥିବା ବେଳେ ସାନ୍ତରାପୁର ଗ୍ରାମବାସୀଙ୍କ ପକ୍ଷରୁ ପ୍ରଥମ ବାର୍ଷିକୋତ୍ସବ ଅବସରରେ ସୋମବାର ଦଧିବାମନ ଦେବଙ୍କ ସ୍ୱନକ୍ଷତ୍ର ମହୋତ୍ସବ ପାଳନ କରାଯାଇଥିଲା। ମନ୍ଦିର ପରିସର ସୁସଜ୍ଜିତ କରି ସୁଧିକରଣ ପରେ କଳସ ଶୋଭାଯାତ୍ରା ପରେ ଅଙ୍କୁରାରୋପଣ, କୁମ୍ଭାଭିଷେକ କରାଯାଇ ଦଧିବାମନ ଦବଙ୍କ ବିଗ୍ରହକୁ ଯଜ୍ଞସ୍ଥଳରେ ବିରାଜମାନ କରାଇ ସୂର୍ଯ୍ୟପୂଜା ଓ ଅବକାଶ ନୀତି ଆଦି ହୋଇଥିଲା। ଦିନତମାମ ହୋମ ଯଜ୍ଞ ନୈବେଦ୍ୟ ସହ ଶ୍ରୀଜୀଉଙ୍କ ନିତୀକାନ୍ତି ପରେ ସନ୍ଧ୍ୟାରେ ପୂର୍ଣ୍ଣାହୁତି କରାଯାଇ ଯଜ୍ଞ ସମାପନ ହେବା ପରେ ଦଧିବାମନ ଦେବଙ୍କ ବିଗ୍ରହକୁ ରତ୍ନ ସିଂହାସନରେ ବିରାଜମାନ କରାଯାଇଥିଲା। ବହୁ ଶ୍ରଦ୍ଧାଳୁ ଏହି ମହୋତ୍ସବରେ ସାମିଲ ହୋଇ ପ୍ରଭୁଙ୍କ ଆଶୀର୍ବାଦ ଲାଭ କରିଥିଲେ।

# ତାଲୁକ ଆଇନ ସେବା ପକ୍ଷରୁ ବନ ମହୋତ୍ସବ

ଖୋର୍ଦ୍ଧା,୮।୭(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ତାଲୁକ ଆଇନ ସେବା ପକ୍ଷରୁ ସ୍ଥାନୀୟ ପଲ୍ଲା ତୋଟାପଡ଼ା ସରକାରୀ ଉଚ୍ଚବିଦ୍ୟାଳୟ ପରିସରରେ ବନ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲାଜଜ୍ ତଥା ତାଲୁକ ଆଇନସେବା କମିଟି ଅଧକ୍ଷ ଅଜୟ କୁମାର ପ୍ରଧାନ ଚାରାରୋପଣ କରିଥିଲେ। ପରିବାର ଅଦାଲତ ଜଜ୍ ରାଜେଶ କୁମାର ନାୟାର, ଏଡିଜେ(୨ୟ) ରଞ୍ଜୁଲତା ଲେଙ୍କା, ସିଜିଏମ୍ ଶରତ କୁମାର ଜେନା, ସିଭିଲ ଜଜ୍ (ବରିଷ୍ଠ) ରାଜେଶ ରୋସନ ନନ୍ଦ, ଏସ୍‌ଡିଜିଏମ ପ୍ରତାପ ଚନ୍ଦ୍ର ପୃଷ୍ଟି, ସିଭିଲ ଜଜ୍(କନିଷ୍ଠ) ପ୍ରଭାତ




କୁମାର ସାମଲ ପ୍ରମୁଖ ଚାରାରୋପଣ କରିଥିଲେ। ପ୍ୟାନେଲ ଓକିଲ ବିକ୍ରମ କେଶରୀ ଚମ୍ପତି, ଓକିଲ ସଂଘ ସଭାପତି ଜୀବନଜ୍ୟୋତି ମିଶ୍ର, ସମ୍ପାଦକ ପ୍ରଭଞ୍ଜନ ଜେନା, ବନ ଅଧିକାରୀ କଳ୍ପନା ବେହେରା, ଶିକ୍ଷକ ଶରତ କୁମାର ବେହେରା, ସୁହାସିନୀ ମିଶ୍ର, ଅଳକା ଦାସ, ଛାତ୍ରୀଛାତ୍ର ପ୍ରମୁଖ ଯୋଗଦେଇଥିଲେ। ତାଲୁକ ଆଇନସେବା ସମ୍ପାଦକ ବସନ୍ତ ଶତପଥୀ ସଂଯୋଜନା କରିଥିଲେ।

# ବ୍ୟାଙ୍କରୁ ଚୋରି ଉଦ୍ୟମ ପଣ୍ଡ

ବେଗୁନିଆ,୮।୭(ହର ପ୍ରସନ୍ନ ପଣ୍ଡା)

ଖୋର୍ଦ୍ଧା ଜିଲା ବେଗୁନିଆ ଥାନା ଗେଡିଆପଲ୍ଲୀ ବ୍ୟାଙ୍କ ଅଫ ବରୋଦା ଶାଖାରୁ ଚୋରି ଉଦ୍ୟମ ପଣ୍ଡ ହୋଇଛି। ଶାଖା ପରିଚାଳକଙ୍କ ପକ୍ଷରୁ ଥାନାରେ ଅଭିଯୋଗ ପରେ ପୋଲିସ ଘଟଣାର ତଦନ୍ତ ଚଳାଇଛି। ସୂଚନା ମୁତାବକ, ରବିବାର ବିଳମ୍ବିତ ରାତିରେ ଶାଖା କାର୍ଯ୍ୟାଳୟ ମୁଖ୍ୟ କବାଟ ତାଲା ଭାଙ୍ଗି ଦୁର୍ବୃତ୍ତମାନେ ଭିତରକୁ ପଶିବାକୁ ଉଦ୍ୟମ କରିଥିଲେ। ଏହି ସମୟରେ କାର୍ଯ୍ୟାଳୟ ପାର୍ଶ୍ୱରେ ଥିବା ରାସ୍ତାରେ ସ୍ଥାନୀୟ ଅଞ୍ଚଳର ଜଣେ ବ୍ୟକ୍ତି ଘରକୁ ଯାଉଥିଲେ। ଶାଖାରୁ ଚୋରି ଉଦ୍ୟମ କରାଯାଉଥିବା ଜାଣିପାରି ସ୍ଥାନୀୟ ଲୋକମାନଙ୍କୁ ଜଣାଇଥିଲେ। ବେଗୁନିଆ ପୋଲିସ ଘଟଣାସ୍ଥଳରେ ପହଞ୍ଚି ସ୍ଥାନୀୟ ଅଞ୍ଚଳର ଜଣେ ବ୍ୟକ୍ତିଙ୍କୁ ସନ୍ଦେହରେ ଧରି ନେଇଛି। ସୋମବାର ଘଟଣାସ୍ଥଳରେ ଶାଖା ପରିଚାଳକ ଏବଂ ବେଗୁନିଆ ଥାନା ଅଧିକାରୀ ଜ୍ୟୋତି ପ୍ରକାଶ ପଣ୍ଡା ପହଞ୍ଚି ସିସିଟିଭି ଫୁଟେଜ ଯାଞ୍ଚ କରିଥିଲେ। ଶାଖା ପରିଚାଳକ ଅଭିମନ୍ୟୁ ଏନେଇ ଥାନାରେ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଥାନା ଅଧିକାରୀ ଜ୍ୟୋତି ପ୍ରକାଶ ପଣ୍ଡା କହିଛନ୍ତି, ଘଟଣାର ତଦନ୍ତ ଚାଲିଛି।

# ‘ନାଟ୍ୟଶାଳାର ନଟ’ ଉନ୍ମୋଚିତ



ଟାଙ୍ଗୀ, ୮।୭(ରଘୁନାଥ ସାହୁ)

ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚର ପ୍ରଖ୍ୟାତ ଅଭିନେତା, ନିର୍ଦ୍ଦେଶକ ସ୍ୱର୍ଗତ ନଟବର ସେଣଙ୍କ ସଂଘର୍ଷମୟ ନାଟ୍ୟ ବ୍ୟକ୍ତିତ୍ୱ ଆଧାରିତ ଜୀବନୀ ପୁସ୍ତକ ‘ନାଟ୍ୟଶାଳାର ନଟ’ ଚିଲିକା ବ୍ଲକ ଅନ୍ତର୍ଗତ ଲମ୍ବୋଦରପୁର ଗ୍ରାମ ସ୍ଥିତ ଜଳେଶ୍ୱର ଦେବଙ୍କ ମନ୍ଦିର ପରିସରରେ ଉନ୍ମୋଚିତ ହୋଇଯାଇଛି। ନାଟ୍ୟକାର ଗୋପବନ୍ଧୁ ଶତ୍ରୁଶଲ୍ୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସାରସ୍ୱତ ସମାବେଶରେ ମୁଖ୍ୟ ଅତିଥିଭାବେ ବାଲୁଗାଁ ମହାବିଦ୍ୟାଳୟର ପ୍ରାଧ୍ୟାପକ ଲକ୍ଷ୍ମୀଧର ସୁବୁଦ୍ଧି, ମୁଖ୍ୟ ବକ୍ତା ଗାଳ୍ପିକ ଗୋପୀନାଥ ଦାଶ, ସମ୍ମାନିତ ଅତିଥି ନାଟ୍ୟକାର ଭିକାରୀ ଚରଣ ପ୍ରଧାନ, ପୂର୍ବତନ ପ୍ରଧାନ ଶିକ୍ଷକ ହରିହର ପ୍ରଧାନ, ନାଟ୍ୟକାର ଲକ୍ଷ୍ମୀଧର ମହାରଥୀ, ରବି ନନ୍ଦ ପ୍ରମୁଖ ଯୋଗଦେଇ ଓଡ଼ିଆ ନାଟକର କ୍ରମବିକାଶ, ପେସାଦାର ରଙ୍ଗମଞ୍ଚ ଏବଂ ଓଡ଼ିଆ ଚଳଚ୍ଚିତ୍ର ପାଇଁ ସ୍ୱର୍ଗତ ନଟବରଙ୍କ ଅବଦାନ ଉପରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ନାଟ୍ୟ ନିର୍ଦ୍ଦେଶକ ପ୍ରମୋଦ କୁମାର ସ୍ୱାଇଁ, ଖବରଦାତା ବନବିହାରୀ ବେହେରା, ଶିକ୍ଷକ କୁଳମଣି ବାରିକ, ପ୍ରଶାନ୍ତ କୁମାର ସାହୁ, ପାଣ୍ଡବ ବିଶ୍ୱାଳ ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ। ପ୍ରାରମ୍ଭରେ ନଟବରଙ୍କ ଫଟୋଚିତ୍ରରେ ପୁଷ୍ପ ମାଲ୍ୟାର୍ପଣ କରାଯାଇଥିଲା। ଶେଷରେ ରଜନୀକାନ୍ତ ସେଣ ଧନ୍ୟବାଦ ଦେଇଥିଲେ।

# ୧୫୭୫ରେ ହୋଇଥିଲା ପ୍ରଥମ ନବକଳେବର

ଖୋର୍ଦ୍ଧା,୮।୭(ପ୍ରଭାତ ପାଣିଗ୍ରାହୀ)

**ମହାପ୍ରଭୁଙ୍କ ଲୀଳାକ୍ଷେତ୍ର ଗଡ଼ଖୋର୍ଦ୍ଧା**
- କୁଜଙ୍ଗଗଡ଼ରୁ ଆସିଥିଲା ବ୍ରହ୍ମ
- ଗଜପତି ରାମଚନ୍ଦ୍ରଙ୍କୁ କୁହାଯାଏ ଦ୍ୱିତୀୟ ଇନ୍ଦ୍ରଦ୍ୟୁମ୍ନ
- ଭକ୍ତ ସାଲବେଗ କରିଥିଲେ ଦର୍ଶନ

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଲୀଳାକ୍ଷେତ୍ର ଭାବେ ପରିଚିତ ଗଡ଼ଖୋର୍ଦ୍ଧା ସ୍ଥିତ ଶ୍ରୀଗୋପାଳଜୀଉ ଓ ଶ୍ରୀଜଗନ୍ନାଥ ମନ୍ଦିର। ଖୋର୍ଦ୍ଧା-ଭୁବନେଶ୍ୱର ୧୬ ନମ୍ବର ଜାତୀୟ ରାଜପଥର ଗଡ଼ଖୋର୍ଦ୍ଧା ଛକଠାରୁ ୨ଶହ ମିଟର ଦୂରରେ ରହିଛି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଲୀଳାକ୍ଷେତ୍ର। ଜରାଜୀର୍ଣ୍ଣ ଅବସ୍ଥାରେ ରହିଥିବା ଏହି ମନ୍ଦିରକୁ ପରବର୍ତ୍ତୀ ପର୍ଯ୍ୟାୟରେ ରାଜ୍ୟ ପ୍ରତ୍ନତତ୍ତ୍ୱ ବିଭାଗ ପୁନଃ ନିର୍ମାଣ କରିଥିଲା। ଏହି ଐତିହ୍ୟସମ୍ପନ୍ନ ମନ୍ଦିର ଏବେବି ସମାଜର ଆଢୁଆଳରେ ରହିଯାଇଛି। ଗବେଷକ ଗୋପାଳ କୃଷ୍ଣ ଦାସ କହିଛନ୍ତି, ମାଦଳାପାଞ୍ଜି ଅନୁଯାୟୀ ମୋଗଲ ଆକ୍ରମଣ ସମୟରେ ପ୍ରଥମ ରାମଚନ୍ଦ୍ର ଦେବ ୧୫୭୫ରେ ଏଠାରେ ଶ୍ରୀଜଗନ୍ନାଥଙ୍କ ପ୍ରଥମ ନବକଳେବର କରାଇ ୮ବର୍ଷ ଶୂନ୍ୟ ଥିବା ଶ୍ରୀମନ୍ଦିର ରତ୍ନସିଂହାସନ ପୁନଃ ସଂସ୍ଥାପନ କରାଇଥିଲେ। ପୁନଶ୍ଚ ୧୬୦୭ ଓ ୧୭୩୩ରେ ଶ୍ରୀଜଗନ୍ନାଥ ଶ୍ରୀକ୍ଷେତ୍ର ଛାଡି ଏଠାରେ ଅବସ୍ଥାନ କରିଥିଲେ। ଏହି ସମୟରେ ଭକ୍ତ ସାଲବେଗ ଶ୍ରୀଜୀଉଙ୍କ ଦର୍ଶନ ପାଇଁ ଆସିଥିବାରୁ ଏହି ସ୍ଥାନର ଗୁରୁତ୍ୱ ବହନ କରେ। ଗଡ଼ଖୋର୍ଦ୍ଧା ଠାରେ ମହାପ୍ରଭୁ ୩ଥର ପଦାର୍ପଣ କରିଛନ୍ତି।

ଇତିହାସ କହେ, ଗଜପତି ପ୍ରଥମ ରାମଚନ୍ଦ୍ରଦେବ ଖ୍ରୀ.୧୫୬୮ରେ ଗଡ଼ଖୋର୍ଦ୍ଧାରେ ଓଡ଼ିଶାର ରାଜଧାନୀ ସ୍ଥାପନା କରିଥିଲେ। ପରେ ୧୫୭୫ରେ କୁଜଙ୍ଗ ଗଡ଼ରୁ ଶ୍ରୀଜଗନ୍ନାଥଙ୍କ ବ୍ରହ୍ମ ଅଣାଇ ଗଡ଼ଖୋର୍ଦ୍ଧା ସ୍ଥିତ ମନ୍ଦିରରେ ନବକଳେବର କରାଇ (କଳାପାହାଡ଼ ଆକ୍ରମଣ ଯୋଗୁ ୮ବର୍ଷ ଶୂନ୍ୟ ରହିଥିବା ଶ୍ରୀମନ୍ଦିରରେ) ଚତୁର୍ଦ୍ଧାବିଗ୍ରହଙ୍କୁ ପୁନଃ ଶ୍ରୀମନ୍ଦିରରେ ସ୍ଥାପନ କରାଇଥିଲେ। ଏହି କାର୍ଯ୍ୟ ପାଇଁ ଗଜପତି ରାମଚନ୍ଦ୍ର ଦେବ ଭାରତ ବର୍ଷରେ ପ୍ରଂଶସିତ ହେବା ସହ ଶ୍ରୀମନ୍ଦିର ସେବାୟତ, ୧୬ଶାସନ ବ୍ରାହ୍ମଣ ତାଙ୍କୁ ଦ୍ୱିତୀୟ ଇନ୍ଦ୍ରଦ୍ୟୁମ୍ନ ଭାବେ ବିଭୂଷିତ କରିଥିଲେ ବୋଲି ଐତିହାସିକ କେଦାର ନାଥ ମହାପାତ୍ରଙ୍କ ଖୁରୁଧା ଇତିହାସ ପୁସ୍ତକରେ ରହିଛି। ପୁନଶ୍ଚ ଗଜପତି ପୁରୁଷୋତ୍ତମ ଦେବଙ୍କ ରାଜତ୍ୱ କାଳରେ ୧୬୦୭ରେ ମୋଗଲ ଆକ୍ରମଣ ଯୋଗୁ ଚତୁର୍ଦ୍ଧାବିଗ୍ରହ ଶ୍ରୀମନ୍ଦିରରୁ ଏଠାକୁ ସ୍ଥାନାନ୍ତରିତ ହୋଇ ୩ମାସ ୪ଦିନ ଅବସ୍ଥାନ କରିଥିଲେ। କାଳିଆ ସାଆନ୍ତ ଏଠାରେ ଗୁପ୍ତ ଭାବେ ପୂଜା ପାଉଥିଲେ। ମାଦଳା ପାଞ୍ଜିରେ ଏହି ପ୍ରସଙ୍ଗରେ ବର୍ଣ୍ଣିତ ଅଛି, ସେବକ ପରମେଶ୍ୱରଙ୍କୁ ନେଇ ଖୁରୁଧାରେ ଗୋପାଳ ଦେଉଳେ ବିଜେ କରାଇଲେ। ତେଣୁ ଏହି ଗୋପାଳ ମନ୍ଦିର ସମଗ୍ର ହିନ୍ଦୁ ସମାଜ ପାଇଁ ପରମପାବନ ତୀର୍ଥକ୍ଷେତ୍ର। ଭକ୍ତ ସାଲବେଗ ଏଠାରେ ପ୍ରଭୁଙ୍କୁ ଦର୍ଶନ ପାଇଁ ଆସିଥିଲେ ବୋଲି ଐତିହ୍ୟ ବିଶାରଦ ଡ.ସୁରେନ୍ଦ୍ର ମିଶ୍ରଙ୍କ ମତ ଦିଅନ୍ତି। ପରବର୍ତ୍ତୀ ସମୟରେ ଦ୍ୱିତୀୟ ରାମଚନ୍ଦ୍ରଦେବଙ୍କ ସମୟରେ ତକି ଖାଁ ଖୋର୍ଦ୍ଧା ଆକ୍ରମଣ ସମୟରେ ଗଜପତି ଓ ଶ୍ରୀଜଗନ୍ନାଥ ଚତୁର୍ଦ୍ଧାବିଗ୍ରହ ବୋଲଗଡରେ ଅବସ୍ଥାନ କରିଥିଲେ। ସେଠାରୁ ପୁନଶ୍ଚ ପୁରୀ ଶ୍ରୀମନ୍ଦରିକୁ ପ୍ରତ୍ୟାବର୍ତ୍ତନ କରିବା ସମୟରେ ଏହି ଗୋପାଳ ମନ୍ଦିରରେ ଅବସ୍ଥାନ କରିଥିଲେ। ଏହି ପ୍ରସଙ୍ଗ ଉତ୍କଳ ବିଶ୍ୱବିଦ୍ୟାଳୟର ପ୍ରଫେସର ହିମାଂଶୁ ଶେଖର ପଟ୍ଟନାୟକ ଏବଂ ବୋଲଗଡ଼ର ଇତିହାସ ଲେଖକ ରବୀନ୍ଦ୍ର କୁମାର ପରିଡାଙ୍କ ପୁସ୍ତକରେ ଉଲ୍ଲେଖ ରହିଛି। ଉତ୍କଳକେଶରୀ ଡ.ହରେକୃଷ୍ଣ ମହତାବଙ୍କ ହିଷ୍ଟ୍ରି ଅଫ୍ ଓଡ଼ିଶା ଏବଂ ଔପନ୍ୟାସିକ ସୁରେନ୍ଦ୍ର ମହାନ୍ତିଙ୍କ ରଚିତ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ଉପନ୍ୟାସ ନୀଳଶୈଳରେ ଉଲ୍ଲେଖ ରହିଥିବା ଗବେଷକ ଗୋପାଳକୃଷ୍ଣ ଦାସ କହିଛନ୍ତି।

ଗବେଷକ ଦାସ କହିଛନ୍ତି, ବହୁ ବର୍ଷ ଧରି ଏହି ମନ୍ଦିର ଭଗ୍ନ ଅବସ୍ଥାରେ ରହିବା ପରେ ୨୦୧୪ ଜୁନ ୨୬ ରଥଯାତ୍ରା ଦିନ ମୁକ୍ତିମଣ୍ଡପ ପଣ୍ଡିତଙ୍କ ଦ୍ୱାରା ଚତୁର୍ଦ୍ଧାବିଗ୍ରହ ସ୍ଥାପନ କରାଯାଇଥିଲା। ମହାପ୍ରଭୁଙ୍କ ଏହି ଲୀଳାକ୍ଷେତ୍ର ଜରାଜୀର୍ଣ୍ଣ ଅବସ୍ଥାରେ ରହିଥିଲା। ମହାପ୍ରଭୁଙ୍କ ଲୀଳାକ୍ଷେତ୍ର ସମ୍ପର୍କରେ ଜାଣିବା ପରେ ୨୦୦୭ ମସିହାରେ ତତ୍କାଳୀନ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ସୁରେଶ ମହାପାତ୍ର ଏହି ସ୍ଥାନ ପରିଦର୍ଶନରେ ଆସିଥିଲେ। ରେଭିନ୍ୟୁ ବଙ୍ଗଳାରେ ଖୋର୍ଦ୍ଧା ଐତିହାସିକ ସମାଜ ଆନୁକୂଲ୍ୟରେ ଏହି ଲୀଳାକ୍ଷେତ୍ର ସମ୍ପର୍କରେ ଆଲୋଚନା ହୋଇଥିଲା। ୨୦୧୪ ଜୁନ ୨୭, ୨୮ ଓ ୨୯ ତାରିଖରେ ତିନି ଦିନ ମହାପ୍ରଭୁଙ୍କ ଚତୁର୍ଦ୍ଧା ବିଗ୍ରହ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଥିଲା। ସେହି ସମୟରେ ଏହି ପ୍ରତିଷ୍ଠା ଉତ୍ସବରେ ଶ୍ରୀମନ୍ଦିର ମୁକ୍ତିମଣ୍ଡପ ସଭାପତି ଭୀମସେନ ମିଶ୍ର, ସମ୍ପାଦକ ରବି ନାରାୟଣ ମିଶ୍ର, ୧୯୯୬ରେ ଦଧିମାଛଗାଡିଆ ନବକଳେବର, ବନଯାଗରେ ଯୋଗଦେଇଥିବା ମନ୍ଦିର ପୁରୋହିତ ଡ.ସିଦ୍ଧେଶ୍ୱର ମହାପାତ୍ର, ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର ଗବେଷଣା ଅଧିକାରୀ ଡ.ସୁରେନ୍ଦ୍ର ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ଏଠାରେ ମହାପ୍ରଭୁଙ୍କ ସମସ୍ତ ନୀତିକାନ୍ତି ଶ୍ରୀମନ୍ଦିର ଢାଞ୍ଚାରେ ହୋଇଥାଏ। ମନ୍ଦିର ପରିଚାଳନା ଲାଗି ଶ୍ରୀଜଗନ୍ନାଥ ଲୀଳାକ୍ଷେତ୍ର କମିଟି ଗଠନ କରାଯାଇଛି। ବିଶ୍ୱମ୍ଭର ଦାସ ମହାରାଜ, ଆଇନଜୀବୀ ଅଜିତ ପଟ୍ଟନାୟକ, ଜାନକୀ ବଲ୍ଲଭ ପଟ୍ଟନାୟକ, ପ୍ରାଧ୍ୟାପକ ଗୋପାଳକୃଷ୍ଣ ଦାସ ଏବଂ ରମାକାନ୍ତ ପାଟଯୋଶୀ ମୁଖ୍ୟ ପରିଚାଳନା ଦାୟିତ୍ୱରେ ରହିଛନ୍ତି। ମନ୍ଦିରରେ ଅକ୍ଷୟ ମହାପାତ୍ର, ଅରୂପା ମହାପାତ୍ର ସମସ୍ତ ନୀତିକାନ୍ତି ସେବାପୂଜା କରିଆସୁଛନ୍ତି।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୮।୭।୨୦୨୪

| ୫,୦୨,୦୨୭ ଟଙ୍କା | |
|---|---|
| ସୁନା | ମିଳିନାହିଁ |
| ରୁପା | ୧୫ ଗ୍ରାମ୍ |

## ସଂକ୍ଷେପରେ

### ନାବାଳିକା ନିଖୋଜ, ଥାନାରେ ଅଭିଯୋଗ

ବଲଙ୍ଗା,୮।୭(କେଦାରେଶ୍ୱର ନନ୍ଦ)

ବଲଙ୍ଗା ଥାନା ଅଞ୍ଚଳର ଜଣେ ନାବାଳିକା ନିଖୋଜ ହୋଇଯାଇଥିବା ନେଇ ପରିବାର ପକ୍ଷରୁ ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ଅନୁଯାୟୀ, ନାବାଳିକା (୧୬) ଜଣକ ତାଙ୍କ ମାମୁଘରେ ରହୁଥିଲେ। ଗତ ୬ ତାରିଖ ଅପରାହ୍ନ ୫ଟାରେ ଝିଅ ବଜାରକୁ ଜେରକ୍ସ କରିବାକୁ ଯାଉଛି ବୋଲି କହି ଯାଇ ଆଉ ଫେରି ନ ଥିଲେ। ପରିବାର ଲୋକେ ବହୁ ଖୋଜାଖୋଜି କରି ନିରାଶ ହୋଇଥିଲେ। ଏହାପରେ ତାଙ୍କ ମାଆ ଥାନାର ଦ୍ୱାରସ୍ଥ ହୋଇଛନ୍ତି। ପୋଲିସ ଏକ ଅପହରଣ ମାମଲା (ନଂ.୨୦୧/୨୪) ରୁଜୁ କରି ତଦନ୍ତ ଚଳାଇଛି।

### ଚାରାରୋପଣ କରି ଜନ୍ମଦିନ ପାଳିଲେ ରାହୁଲ

ସାକ୍ଷୀଗୋପାଳ, ୮।୭(ଭରତ ରାଉତ)

ସତ୍ୟବାଦୀ ବ୍ଲକ ବିଶ୍ୱନାଥପୁର ବ୍ରାହ୍ମଣପଡ଼ା ଗ୍ରାମର ରାହୁଲ ମହାପାତ୍ର ୧୫ଟି ଚାରା ରୋପଣ କରି ନିଜ ଜନ୍ମଦିନ ପାଳନ କରିଛନ୍ତି। ସେ ନିଜ ଗ୍ରାମରେ ବଉଳ, ନିମ୍ବ, ମେହେଗାନି, ଅଁଳା ସମେତ କିଛି ଫୁଲ ଗଛର ଚାରା ରୋପଣ କରିଛନ୍ତି। କେକ୍ କାଟି ପାର୍ଟି କରି ଜନ୍ମଦିନ ପାଳନ କରୁଥିବା ଯୁବସମାଜ ପାଇଁ ସେ ଉଦାହରଣ ସୃଷ୍ଟି କରିବା ସହ ପରିବେଶ ବାର୍ତ୍ତା ଦେଇଛନ୍ତି। ସାମାଜିକ କର୍ମୀ ତଥା ପରିବେଶବିତ୍ ନୀହାର ରଞ୍ଜନ ସ୍ୱାଇଁ ରାହୁଲଙ୍କ କାର୍ଯ୍ୟକୁ ପ୍ରଶଂସା କରିଛନ୍ତି। ସମସ୍ତେ ନିଜ ଜନ୍ମଦିନରେ ଗଛ ଲଗାଇଲେ, ଆମ ପୃଥିବୀ ସୁସ୍ଥ, ସୁନ୍ଦର ଓ ସୁରକ୍ଷିତ ହୋଇପାରିବା ସହ ମାନବ ଜାତିର ଜୀବନ ଧାରଣ ପାଇଁ ଏକ ଅନୁକୂଳ ପରିବେଶ ସୃଷ୍ଟି ହୋଇପାରିବ ବୋଲି ମତ ରଖିଛନ୍ତି।

### ଶିକ୍ଷକଙ୍କୁ ଅବସର ସମ୍ବର୍ଦ୍ଧନା

ବଲଙ୍ଗା,୮।୭(କେଦାରେଶ୍ୱର ନନ୍ଦ)

ବଲଙ୍ଗା ଥାନା ଅଧୀନ ସାଇଁସ ପଞ୍ଚାୟତ ତୋରିହିଁବନ୍ଧ ଗ୍ରାମର ସରକାରୀ ପ୍ରାଥମିକ ବିଦ୍ୟାଳୟ ସହକାରୀ ଶିକ୍ଷକ ଶାନ୍ତନୁ ସ୍ୱାଇଁଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ଉତ୍ସବ ବିଦ୍ୟାଳୟ ପରିସରରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ପରିଚାଳନା କମିଟି ସଭାପତି ଲକ୍ଷ୍ମୀଧର ସାହୁ ଏହାର ନେତୃତ୍ୱ ନେଇଥିଲେ। ଉତ୍ସବରେ ନିମାପଡ଼ା ବ୍ଲକ ଅତିରିକ୍ତ ଶିକ୍ଷା ଅଧିକାରୀ ଶ୍ରୀମାନ୍ତ ଶେଖର ରଥ ଯୋଗଦେଇ ସ୍ୱାଇଁଙ୍କୁ ମାନପତ୍ର, ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଏଥିରେ ଭଗବତୀପୁର ଆଞ୍ଚଳିକ ସାଧନାକେନ୍ଦ୍ରର ସିଆରସିସି ସୋନୁଚରଣ ଭୋଇ ଯୋଗ ଦେଇଥିଲେ। ଅବସରକାଳୀନ ଉତ୍ସବରେ ବିଭିନ୍ନ ବିଦ୍ୟାଳୟର ଶିକ୍ଷକ, ଛାତ୍ରୀଛାତ୍ରଙ୍କ ଓ ତେଲିସାହିର ଗ୍ରାମବାସୀ ଉପସ୍ଥିତ ଥିଲେ।

# ମିଳୁନି ବିହନ, ଆଗଉନି ଚାଷକାମ

## ଚାଷୀ ନିରାଶ, ବେପାରୀ ମାଲାମାଲ

ବଲଙ୍ଗା,୮।୭(କେଦାରେଶ୍ୱର ନନ୍ଦ)

ବଲଙ୍ଗା ଅଞ୍ଚଳରେ ଥିବା ଚନ୍ଦନପୁର ଶାଖା କେନାଲ ଓ ନୂଆଗାଁ ଡିଷ୍ଟ୍ରିବ୍ୟୁଟାରୀରେ ପାଣି ନ ଆସିବାରୁ ଏବଂ ଉନ୍ନତ ମାନର ବିହନ ମିଳୁ ନ ଥିବାରୁ ଏବେ ଚାଷୀମାନେ ଚିନ୍ତାରେ ପଡ଼ିଛନ୍ତି। ଚଳିତବର୍ଷ ପ୍ରଚଣ୍ଡ ଖରା ଯୋଗୁ ଜଳାଭାବ ପରିସ୍ଥିତି ଉପୁଜିବା ସହ ପନିପରିବା ଚାଷ ପ୍ରଭାବିତ ହୋଇଛି। ଅଧିକାଂଶ ପୁଷ୍କରିଣୀ ଶୁଖିଯାଇଥିବାରୁ ସ୍ନାନ, ଶୌଚ, ଗୋରୁ ପିଇବା ପାଇଁ ଲୋକଙ୍କୁ ହଇରାଣ ହେବାକୁ ପଡ଼ିଛି। ବାରମ୍ବାର ଦାବି ସତ୍ତ୍ୱେ କେନାଲରେ ପାଣି ଛଡ଼ାଗଲା ନାହିଁ। ତେବେ ସମ୍ପ୍ରତି ମୌସୁମୀ ବର୍ଷା କିଛି ପରିମାଣରେ ଆଶ୍ୱସ୍ତି ଆଣିଛି। ଖରିଫ୍ ଧାନଚାଷ ପାଇଁ ତଳି ପକାଇବାକୁ ଜମି ପ୍ରସ୍ତୁତି ହୋଇଥିଲେ ମଧ୍ୟ ବିହନ ଅଭାବ ସମସ୍ୟା ଦେଖାଦେଇଛି। ମୌସୁମୀ ଉପରେ ଭରସା ନ ଥିବାରୁ କେନାଲ ଜଳ ଯୋଗାଣ ପରେ ଚାଷକାମ ଆରମ୍ଭ ନେଇ ଅନେକ ଚାଷୀ ମନସ୍ଥ କରିଛନ୍ତି। ଚଳିତ ବର୍ଷ ପ୍ରାୟତଃ କୌଣସି ସେବା ସମବାୟ ସମିତି ବିକ୍ରୟ ନିମନ୍ତେ ବିହନ ଆଣିନାହାନ୍ତି। ତେଣୁ ଚାଷୀମାନେ ବାଧହୋଇ ବିଭିନ୍ନ ବେସରକାରୀ କମ୍ପାନୀର ବିହନ ଆଣିଥିବା ଜଣାପଡ଼ିଛି। ଅନେକ ସ୍ଥାନରେ ସରକାରୀ ବିହନ ଧାର୍ଯ୍ୟ ଦରଠାରୁ ପ୍ୟାକେଟ ପିଛା ୫ଶହ ଟଙ୍କାରୁ ଅଧିକ ବିକ୍ରି ହେଉଥିବା ଜଣାପଡ଼ିଛି। ସରକାରୀ ଠାରୁ ବେସରକାରୀ ବିହନ ଅଧିକ ବିକ୍ରି ହେଉଛି। ବେସରକାରୀ ବିହନର ମାନ ଉପରେ ସନ୍ଦେହ ଥିବାରୁ ଅନେକ ଚାଷୀ ବିହନ ସଂଗ୍ରହ କରି ବିଲରେ ଧାନ ବୁଣିଥିଲେ ମଧ୍ୟ ବିହନ ଗଜା ହେଉ ନ ଥିବା ଅଭିଯୋଗ କରିଛନ୍ତି। ସେବା ସମବାୟ ସମିତି ମାଧ୍ୟମରେ ପର୍ଯ୍ୟାପ୍ତ ପରିମାଣର ସରକାରୀ ବିହନ ଯୋଗାଇବା ପାଇଁ ବଲଙ୍ଗା, ଗୋପିନାଥପୁର, କୋଠକୁସାଙ୍ଗ, ନୂଆସନ୍ଥ, ଉଚ୍ଛୁପୁର ଆଦି ପଞ୍ଚାୟତର ଚାଷୀମାନେ ଦାବି କରିଛନ୍ତି। ସେହିପରି ସରକାରୀ ବିହନ ଯୋଗାଣ ଓ କେନାଲରେ ପାଣି ଛାଡ଼ିବାକୁ ବିଭାଗୀୟ ଅଧିକାରୀ ଏବଂ ଜିଲାପାଳ ପଦକ୍ଷେପ ନେବା ପାଇଁ ଏହି ଅଞ୍ଚଳର ଚାଷୀ ଭିକାରୀ ଯେନା, ଅଜିତ ଚାନ୍ଦ ଦାସ, ଶ୍ରୀକର ଛାଟୋଇ, ଜମ୍ବେଶ୍ୱର ମିଶ୍ର ପ୍ରମୁଖ ଦାବି କରିଛନ୍ତି। ଏହି ନେଇ ନିମାପଡ଼ା କୃଷି ଅଧିକାରୀ ପ୍ରିୟବ୍ରତ ପୃଷ୍ଟି କହିଛନ୍ତି, ୧୯ ଡିଲର ଏବଂ ୩ଟି ସମବାୟ ସମିତି ସରକାରୀ ବିହନ ନେଇଛନ୍ତି। ଅନ୍ୟ ସମବାୟ ସମିତି ବିହନ ନେଇନାହାନ୍ତି। ଯେଉଁ ଚାଷୀଙ୍କର ବିହନ ଗଜା ହେଉନାହିଁ, ସେମାନେ ଆମକୁ ଅଭିଯୋଗ ଜଣାଇଲେ ବିଭାଗ ପକ୍ଷରୁ ପଦକ୍ଷେପ ନିଆଯିବ। ସେହିପରି ସମବାୟ ସମିତିର ଏରିଆ ମ୍ୟାନେଜର ଦେବବ୍ରତ ତ୍ରିପାଠୀ କହିଛନ୍ତି, କେତେକ ସମବାୟ ସମିତିର ଗୋଦାମ ଗୃହ ନାହିଁ। ତେଣୁ ସମ୍ପୃକ୍ତ ସମିତିଗୁଡ଼ିକ ସରକାରୀ ବିହନ ନେଉନାହାନ୍ତି। ଠିକ୍ ସମୟରେ ବିହନ ମିଳୁ ନ ଥିବାରୁ ବଜାରରେ ବେପାରୀମାନେ ଫାଇଦା ଉଠାଉଛନ୍ତି। ଅନ୍ୟପକ୍ଷରେ ଏହି ସମସ୍ୟା ପ୍ରତି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଦୃଷ୍ଟି ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।



ରଥଯାତ୍ରା ଅବସରରେ ଶରଧା ବାଲିରେ କାର୍ଡବୋର୍ଡରେ ପ୍ରସ୍ତୁତ ଏକ ରଥକୁ ଶ୍ରଦ୍ଧାଳୁମାନେ ଟାଣୁଛନ୍ତି ।

## ଚନ୍ଦନ ମଣ୍ଡପରେ ଶ୍ରୀସିଦ୍ଧ ବଳରାମ ଦେବ

ସାକ୍ଷୀଗୋପାଳ,୮।୭ (କିଶୋର ମହାପାତ୍ର/ପ୍ରଶାନ୍ତ କୁମାର ବାରିକ):

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଅଜା ରୂପେ ପରିଚିତ ଠାକୁର ଅଜା ଶ୍ରୀସିଦ୍ଧ ବଳରାମ ଦେବ ବକୁଳବନରୁ ରଥଯାତ୍ରାରେ ବାହାରି ଚନ୍ଦନ ମଣ୍ଡପକୁ ବିଜେ କରିଛନ୍ତି। ରବିବାର ସକାଳେ ଦୈନନ୍ଦିନ ଦେବନୀତି ମଧ୍ୟରେ ମଙ୍ଗଳ ଆଳତି, ଅବକାଶ, ବାଳ ଭୋଗ ପରେ ମଧ୍ୟାହ୍ନରେ ଚକାଛାଡ଼, ଖେଚୁଡ଼ି ଭୋଗ ପରେ ଛେରା ପହଁରା ନୀତି ଅନୁଷ୍ଠିତ ହୋଇଥିଲା। ଘଣ୍ଟାଘଣ୍ଟି, କାହାଳୀ, ମୃଦଙ୍ଗ ବାଦ୍ୟ ମଧ୍ୟରେ ଠାକୁରଙ୍କ ପହଣ୍ଡି କରାଯାଇ ରଥାରୁଢ଼ କରାଯାଇଥିଲା। ଟାହିଆ ଲାଗି ଓ ମଙ୍ଗଳାର୍ପଣ ପରେ ଶ୍ରଦ୍ଧାଳୁମାନେ ମନ୍ଦିର ନିକଟରୁ ରଥ ଟାଣି ନେଇ ଚନ୍ଦନ ମଣ୍ଡପରେ ପହଞ୍ଚାଇଥିଲେ। ସେଠାରେ ଠାକୁର ୯ଦିନ ଅବସ୍ଥାନ କରିବେ। ସାକ୍ଷୀଗୋପାଳ ମନ୍ଦିର ପ୍ରଶାସନ ତରଫରୁ କାର୍ଯ୍ୟନିର୍ବାହୀ ଅଧିକାରୀ ବିଶ୍ୱବାସୀ ତ୍ରିପାଠୀ ଚଳିତବର୍ଷ ସୁନ୍ଦର ଭାବେ ରଥ ନିର୍ମାଣ କରାଇବା ସହ ଫୁଲମାଳ ସଜାଇଥିଲେ। ସେବାୟତ ସୋମନାଥ ମହାପାତ୍ର, ଧଡୁ ମହାପାତ୍ର, କେଶବ ମହାପାତ୍ର, ଲୋକନାଥ ମହାପାତ୍ର ପ୍ରମୁଖ ଦେବନୀତି ସମ୍ପାଦନା କରିଥିଲେ। ଏହି ଅବସରରେ ଠାକୁରଙ୍କ ପ୍ରିୟ ପାଚିଲା ପଣସ ଭୋଗଲାଗି କରାଯାଇଥିଲା। ଶ୍ରୀରାମଚନ୍ଦ୍ରପୁର ଗ୍ରାମର ବୁଟୁ ଦାଶ ଶ୍ରଦ୍ଧାଳୁମାନଙ୍କୁ ପଣା ବଣ୍ଟନ କରିଥିଲେ। ମନ୍ଦିର କର୍ମଚାରୀଙ୍କ ସହିତ ଭୋଇ ସେବାୟତ, କାହାଳିଆ, ବିଶ୍ୱକର୍ମା, ମଣ୍ଡଣି ସୁଆଁସିଆ, ବାଜାବାଲା ଏବଂ ସଂକୀର୍ତ୍ତନମଣ୍ଡଳୀ ଆଦି ରଥଟଣାରେ ସହଯୋଗ କରିଥିଲେ। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ସତ୍ୟବାଦୀ ପୋଲିସ ମୁତୟନ ଥିଲା।

## ମିଥ୍ୟା ମାମଲା ରୁଜୁ ନେଇ ପୋଲିସ ବିରୋଧରେ ଅଭିଯୋଗ

ଯୋଗେଶ୍ୱରପୁର,୮।୭(ରଶ୍ମିରଞ୍ଜନ ସାହୁ)

ନୟାହାଟ ଫାଣ୍ଡି ଅନ୍ତର୍ଗତ ଜଙ୍ଗଲବୋରି ପଞ୍ଚାୟତର ବିଶୁଲିପଡ଼ା ଗ୍ରାମରେ ଜମିଜମା ବିବାଦକୁ ନେଇ ସଂଘବଦ୍ଧ ଆକ୍ରମଣରେ ଜଣେ ବ୍ୟକ୍ତି ଗୁରୁତର ଆହତ ହୋଇ ସମ୍ପ୍ରତି ଭୁବନେଶ୍ୱର ଏମ୍ସରେ ଚିକିତ୍ସାଧୀନ ଅଛନ୍ତି। ଅଭିଯୁକ୍ତଙ୍କ ବିରୋଧରେ ନୟାହାଟ ଫାଣ୍ଡି ପୋଲିସ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେଉ ନ ଥିବା ବେଳେ ଆହତ ବ୍ୟକ୍ତିଙ୍କ ନାମରେ ଏକ ମିଥ୍ୟା ମାମଲା ରୁଜୁ କରିଥିବା ନେଇ ତାଙ୍କ ପରିବାରବର୍ଗ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଏବଂ ପୁରୀ ଏସ୍‌ପିଙ୍କୁ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ, ଗୋପ ତହସିଲ ଅନ୍ତର୍ଗତ ଜଙ୍ଗଲବୋରି ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ଅଧୀନରେ ଥିବା ଖାତା ୭୩୬ରେ ୧୩ ଡିସିମିଲ ସରକାରୀ ଅନାବାଦୀ ଜମିକୁ ଦୀର୍ଘବର୍ଷ ଧରି ମିର୍ଜା ଅବତାର ବେଗ୍ ଦଖଲ କରିଆସୁଛନ୍ତି। ବିଶୁଲିପଡ଼ା ଗ୍ରାମର ମିର୍ଜା ୟାମିନ ବେଗ୍, ମିର୍ଜା ତାରିଖ୍ ୟାହାଦ ବେଗ୍ ଏବଂ ଅବଦୁଲ ରସିଦ୍ ଖାନ୍ ମାରଣାସ୍ତ୍ର ଧରି ମିର୍ଜା ହବିବୁଲ୍ଲାଙ୍କୁ ପୋଲିସ ଉପସ୍ଥିତିରେ ଆକ୍ରମଣ କରିଥିଲେ। ଆକ୍ରମଣରେ ହବିବୁଲ୍ଲାଙ୍କ ଗୋଡ଼ ଭାଙ୍ଗିଯାଇଥିବାବେଳେ ତାଙ୍କୁ ପ୍ରଥମେ ଚିକିତ୍ସା ପାଇଁ ପରିବାର ଲୋକେ ଓଲଟପୁରକୁ ପଠାଇଥିଲେ। ଏ ସମ୍ପର୍କରେ ପୋଲିସ ଦୁଇଟି ମକଦ୍ଦମା ରୁଜୁ କରିଥିବାବେଳେ ଅଭିଯୁକ୍ତମାନଙ୍କୁ ଗିରଫ କରିନାହିଁ। ଆହତ ବ୍ୟକ୍ତିଙ୍କ ନାମରେ ମିଥ୍ୟା ମକଦ୍ଦମା ରୁଜୁ ନେଇ ପରିବାର ଲୋକେ ତଦନ୍ତ ଦାବି କରିଛନ୍ତି। ଏ ସମ୍ପର୍କରେ ଫାଣ୍ଡି ଅଧିକାରୀ କୁନାଲ କୁମାରଙ୍କୁ ଯୋଗାଯୋଗ ପାଇଁ ଚେଷ୍ଟା କରାଯାଇଥିଲେ ମଧ୍ୟ ସେ ଫୋନ୍ ନ ଉଠାଇବାରୁ ତାଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

## ରାମ ଭଦ୍ରାଚାର୍ଯ୍ୟଙ୍କୁ ଭେଟିଲେ ମନ୍ତ୍ରୀ, ଏମ୍‌ପି



ପୁରୀ,୮।୭(ଅଜିତ୍ କୁମାର ମହାନ୍ତି)

### ତୁଳସୀପୀଠରେ କଳସ ପୂଜନ

ପୁରୀ ଚନ୍ଦନପୁର ନିକଟ ତୁଳସୀଚଉଁରା ଗ୍ରାମସ୍ଥିତ ତୁଳସୀ ପୀଠରେ ଆସନ୍ତା ୯ ତାରିଖରେ ସନ୍ଥ ତୁଳସୀ ଦାସଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରାଯିବ। ଏଥିପାଇଁ ଘୋଷଯାତ୍ରା ଅବସରରେ କଳସ ପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବଦ୍ରିନାଥରୁ ଆସିଥିବା ବାଳକ ଯୋଗେଶ୍ୱର ଦାସ୍‌ଜୀ ମହାରାଜଙ୍କୁ ଭବ୍ୟ ସ୍ୱାଗତ କରି ବେଦଧ୍ୱନି ମଧ୍ୟରେ ତୁଳସୀ ପୀଠକୁ ପାଛୋଟି ନିଆଯାଇଥିଲା। ଏହି ଅବସରରେ ଗୋବିନ୍ଦ ଗୋଧାମ ଗୋଶାଳା ପ୍ରତିଷ୍ଠାତା ପଣ୍ଡିତ ବିଷ୍ଣୁଚରଣ ପଣ୍ଡା, ଭାଜପା ନେତ୍ରୀ ରଞ୍ଜିତା ପାଢ଼ୀ, ଅଯୋଧ୍ୟାର ସ୍ୱାମୀ ଅଜୟ ରାମଦାସ, ମଧ୍ୟପ୍ରଦେଶର ଭାଜପା ନେତା ସଞ୍ଜୟ ସକ୍ସେନା, ହଂସ ରାଜଜୀ, ସମାଜସେବୀ ଦିଲ୍ଲୀପ ଖଣ୍ଡେଲୱାଲ, ବିଷ୍ଣୁଦତ୍ତ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ସେହିଭଳି ଏକ ଘରୋଇ ଅନୁଷ୍ଠାନରେ ଅବସ୍ଥାନ କରୁଥିବା ଚିତ୍ରକୂଟ ତୁଳସୀ ପୀଠାଧୀଶ୍ୱର ରାମାନନ୍ଦାଚାର୍ଯ୍ୟ ପଦ୍ମବିଭୂଷଣ ରାମ ଭଦ୍ରାଚାର୍ଯ୍ୟ ମହାରାଜଙ୍କୁ ପୁରୀ ଏମ୍‌ପି ସମ୍ବିତ ପାତ୍ର, ପଞ୍ଚାୟତିରାଜ ମନ୍ତ୍ରୀ ରବି ନାୟକ, ବ୍ରହ୍ମଗିରି ବିଧାୟିକା ଉପାସନା ମହାପାତ୍ର ପ୍ରମୁଖ ଭେଟି ଆଶୀର୍ବାଦ ଗ୍ରହଣ କରିଥିଲେ।

## ରଥଯାତ୍ରା ଅବସରରେ ଭଜନ ପରିବେଷଣ

ପୁରୀ,୮।୭(ଅଜିତ୍ କୁମାର ମହାନ୍ତି)

ବିଶ୍ୱପ୍ରସିଦ୍ଧ ରଥଯାତ୍ରା ଅବସରରେ ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଶରଧାବାଲି ମୁକ୍ତାକାଶ ରଙ୍ଗମଞ୍ଚରେ ଭଜନ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ସୋମବାର ଶ୍ରୀବିଗ୍ରହମାନେ ଗୁଣ୍ଡିଚା ମନ୍ଦିର ନିକଟରେ ପହଞ୍ଚିବା ପରେ ସନ୍ଧ୍ୟାରେ ଭଜନ ପରିବେଷଣ କରାଯାଇଥିଲା। ପ୍ରଥମ ସନ୍ଧ୍ୟାରେ ଭୁବନେଶ୍ୱର ସୁର୍ ଭାଇବ୍ରେଶନ ଅନୁଷ୍ଠାନର କଣ୍ଠଶିଳ୍ପୀମାନେ ଜୟଶ୍ରୀ ଧଳଙ୍କ ନେତୃତ୍ୱରେ ଭଜନ ପରିବେଷଣ କରି ଶ୍ରୋତା ଓ ଶ୍ରଦ୍ଧାଳୁଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ ସମସ୍ତ କଳାକାରଙ୍କୁ ସ୍ୱାଗତ କରିବା ପରେ ଭଜନ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଦିବ୍ୟାଙ୍ଗ କଣ୍ଠଶିଳ୍ପୀ ଉମାକାନ୍ତ ଦାସ, ଶାନ୍ତନୁ ନାୟକ, ଅନିଲ କୁମାର ପଣ୍ଡା, ଚିନ୍ମୟୀ ସିଂ, ବାପିନ ଜେନା, ସିଦ୍ଧିପ୍ସା ବିଦ୍ଧାଣୀ ପ୍ରମୁଖ ଭଜନ ପରିବେଷଣ କରିଥିଲେ। ବଂଶୀବାଦକ ସୌମ୍ୟ ଯୋଶୀ ସୁନ୍ଦର ବଂଶୀ ବାଦନ କରି ଶ୍ରୋତାମାନଙ୍କୁ ଅଭିଭୂତ କରିଥିଲେ। ସୂଚନା ବିଭାଗ ପକ୍ଷରୁ ଚଳିତ ରଥଯାତ୍ରାରେ ୧୩ଟି ଅସ୍ଥାୟୀ ସୂଚନା କେନ୍ଦ୍ର ଖୋଲାଯାଇଥିବାବେଳେ ପ୍ରତି ସନ୍ଧ୍ୟାରେ ପ୍ରତ୍ୟେକ କେନ୍ଦ୍ରରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣର ବ୍ୟବସ୍ଥା କରାଯାଇଛି।

## କୋର୍ଟ ପରିସରରେ ଚାରାରୋପଣ

ପିପିଲି,୮।୭(ଦୁର୍ଗାମାଧବ ମିଶ୍ର)

ବନ ମହୋତ୍ସବ ଅବସରରେ ପିପିଲି ସହକାରୀ ଦୌରାଜଜ୍‌ଙ୍କ ଅଦାଲତ ପରିସରରେ ଶୁକ୍ରବାର ଚାରାରୋପଣ କରାଯାଇଛି। ଏଥିରେ ସହକାରୀ ଦୌରାଜଜ ତଥା ତାଲୁକ ଲିଗାଲ ସର୍ଭିସ କମିଟି ଅଧ୍ୟକ୍ଷ ବିଶେଷ କୁମାର ସାହୁ, ଜୁଡ଼ିସିଆଲ ମାଜିଷ୍ଟ୍ରେଟ ସଂଗ୍ରାମ କୁମାର ମିଶ୍ର ଚାରାରୋପଣ କରିଥିଲେ। କାର୍ଯ୍ୟକ୍ରମରେ ପିପିଲି ଓକିଲ ସଂଘ ସଭାପତି ରାଜକିଶୋର ସ୍ୱାଇଁ, ସମ୍ପାଦକ ବସନ୍ତ ପରିଡ଼ା, ବରିଷ୍ଠ ଆଇନଜୀବୀ ସୁଧୀର ମହାନ୍ତି, ରଶାନ୍ତ କିଶୋର ପରିଡ଼ା, ରମାକାନ୍ତ ସାହୁ, ବିଭୁ ପ୍ରସାଦ ବୈରୀଗଞ୍ଜନ, ଅକ୍ଷୟ ଦୀକ୍ଷିତ, ଅନିଲ କୁମାର ଦଳାଇ, ଶଙ୍କର୍ଷଣ ପ୍ରଧାନ, ସୁରେଖା ଦାଶ, ଫରେଷ୍ଟର ତପନ ବାରିକ୍, ଫରେଷ୍ଟ ଗାର୍ଡ ବିଶ୍ୱରଞ୍ଜନ ମିଶ୍ର, ତାଲୁକ ଲିଗାଲ ସର୍ଭିସ୍ କମିଟି ସମ୍ପାଦକ ଦାମୋଦର ଗୋଛିକାର, ସହକାରୀ ଦୌରା ଜଜଙ୍କ କୋର୍ଟରେ ସିରସ୍ତାଦାର ପ୍ରବୀର ମିଶ୍ର, ଜୁଡ଼ିସିଆଲ କୋର୍ଟରେ ସିରସ୍ତାଦାର ପ୍ରବୀର ସ୍ୱାଇଁ, ନାଜିର ଅମିୟ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

## ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଭକ୍ତଙ୍କୁ ସେବା

ପୁରୀ,୮।୭(ଅଜିତ୍ କୁମାର ମହାନ୍ତି)

ମହାପ୍ରଭୁଙ୍କ ଘୋଷଯାତ୍ରାରେ ବିଭିନ୍ନ ସାମାଜିକ ଅନୁଷ୍ଠାନ ପକ୍ଷରୁ ଭକ୍ତଙ୍କୁ ସେବା ଯୋଗାଇ ଦିଆଯାଇଛି। ପ୍ରଥମଥର ଲାଗି ନିଖିଳ ଓଡ଼ିଶା ବୈଦ୍ୟୁତିକ ଠିକାଦାର ମହାସଂଘ ପକ୍ଷରୁ ଏକ ବିରାଟ ନିଃଶୁଳ୍କ ଖାଦ୍ୟ ବଣ୍ଟନ କେନ୍ଦ୍ର ଭିଆଇପି ରୋଡ୍‌ରେ ଖୋଲାଯାଇ ଖାଦ୍ୟ ବଣ୍ଟନ କରାଯାଇଥିଲା। ଦୁଇଦିନରେ ୧୬ହଜାରରୁ ଊର୍ଦ୍ଧ୍ୱ ଭକ୍ତ ଏହି ସୁବିଧାର ଲାଭ ଉଠାଇଥିଲେ। ପିଲାଙ୍କ ପାଇଁ ବିସ୍କୁଟ, ଚକୋଲେଟ ତଥା ସମସ୍ତଙ୍କ ଲାଗି ବିଶୁଦ୍ଧ ପାଣି ବୋତଲ ବିତରଣ କରାଯାଇଥିଲା। ସଂଘର ସମସ୍ତ ସଦସ୍ୟ ସହଯୋଗ କରିଥିଲେ। ସାମାଜିକ ଅନୁଷ୍ଠାନ 'ଆପଣଙ୍କ ସେବାରେ' ତରଫରୁ ଶ୍ରଦ୍ଧାଳୁଙ୍କୁ ସ୍ଥାନୀୟ ମାଜଣା ଜାଗା ପରିସରରେ ନିଃଶୁଳ୍କ ଅନ୍ନ ପ୍ରସାଦ ବଣ୍ଟନ କରାଯିବା ସହ ବଡ଼ଦାଣ୍ଡ ସଫେଇ, ଜଳସିଞ୍ଚନ, ପାନୀୟଜଳ ବଣ୍ଟନ, ଆହତଙ୍କୁ ଆମ୍ବୁଲାନ୍ସ ସେବା ଏବଂ ସଦର ମୁଖ୍ୟ ଚିକିତ୍ସାଳୟରେ ସହାୟତା ପ୍ରଦାନ କରାଯାଇଥିଲା। ଅନୁଷ୍ଠାନ ପକ୍ଷରୁ ରଥଯାତ୍ରାଠାରୁ ସୁନାବେଶ ଏକାଦଶୀ ପର୍ଯ୍ୟନ୍ତ ପ୍ରତ୍ୟହ ଜାଗା ପରିସରରେ ନିଃଶୁଳ୍କ ଅନ୍ନ ପ୍ରସାଦ ବଣ୍ଟାଯିବ। ଭୁବନେଶ୍ୱର ଓଡ଼ିଆ ପ୍ରତିଷ୍ଠାନ, ମାଜଣା ଜାଗା ଓ ସାମାଜିକ ଅନୁଷ୍ଠାନ ସଂଜୀବନୀ ଆଦି ସହଯୋଗ କରିଥିଲେ। ସେହିପରି ଭୁବନେଶ୍ୱରସ୍ଥିତ ଗାନ୍ଧୀ ଇନ୍‌ଷ୍ଟିଚ୍ୟୁଟ୍ ଫର୍ ଏଜୁକେଶନ ଆଣ୍ଡ ଟେକ୍ନୋଲୋଜି ତରଫରୁ ଚେୟାରମ୍ୟାନ ଡ. ସତ୍ୟପ୍ରକାଶ ପଣ୍ଡା, ଭାଇସ ଚେୟାରମ୍ୟାନ ଜ୍ୟୋତିପ୍ରକାଶ ପଣ୍ଡା ଏବଂ ଡ. ମାନସ ରଞ୍ଜନ ପଣ୍ଡାଙ୍କ ତତ୍ତ୍ୱାବଧାନରେ ବଡ଼ଦାଣ୍ଡରେ ନିଃଶୁଳ୍କ ପ୍ରସାଦ ବଣ୍ଟନ ସେବା ବଳଗଣ୍ଡି ଛକଠାରେ ଅନୁଷ୍ଠିତ ହୋଇଛି। ସ୍କାଉଟ ଗାଇଡ୍, ସେଣ୍ଟଜନ ଆମ୍ବୁଲାନ୍ସ, ମିତ୍ର ସଂଘ, ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ପକ୍ଷରୁ ଭକ୍ତଙ୍କୁ ବିଭିନ୍ନ ସେବା ଯୋଗାଇ ଦିଆଯାଇଥିଲା।

## ପ୍ରଧାନଶିକ୍ଷକଙ୍କୁ ଅବସର ସମ୍ବର୍ଦ୍ଧନା



ଶିକ୍ଷୟିତ୍ରୀ ଶିକ୍ଷକଙ୍କ ଗହଣରେ ପିଲାମାନେ ।

ଅସ୍ତରଙ୍ଗ,୮।୭(ମମତା ଜେନା)

କାକଟପୁର ବ୍ଲକ ଅନ୍ତର୍ଗତ ବାଲିସିରିଆ (କୋଠମୂଳ) ମଧ୍ୟ ଇଂରାଜୀ ବିଦ୍ୟାଳୟର ପ୍ରଧାନଶିକ୍ଷକ ବିଜୟ କୁମାର ଦାଶଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ପୀତବାସ ସାମନ୍ତରାୟ, ଶିକ୍ଷକ ଅଭୟ ବେହେରା, ଶିକ୍ଷୟିତ୍ରୀ ମାମାଲି ନାୟକ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଦାଶଙ୍କ ଗୁଣଗାନ କରିବା ସହ ତାଙ୍କର ଉତ୍ତରୋତ୍ତର ଉନ୍ନତି କାମନା ପୂର୍ବକ ମା' ମଙ୍ଗଳାଙ୍କ ନିକଟରେ ପ୍ରାର୍ଥନା କରିଥିଲେ। ଦାଶ ଜଣେ ମେଳାପୀ, ଛାତ୍ରବତ୍ସଳ ଶିକ୍ଷକ ଏବଂ ଶିକ୍ଷାଦାନ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଥିଲେ ବୋଲି ଅତିଥିମାନେ କହିଥିଲେ। ଛାତ୍ରୀଛାତ୍ରମାନେ ଦାଶଙ୍କୁ ଏକ ଶୋଭାଯାତ୍ରାରେ ଶୁକ ପୋଖରୀ ଓ କୁଣ୍ଡେଇ ବଜାର ପରିକ୍ରମା କରାଇ ତାଙ୍କ ନିଜ ଗ୍ରାମ ପୀତାମ୍ବରପୁର ବାଲିସାହିସ୍ଥିତ ବାସଭବନରେ ଭାବପୂର୍ଣ୍ଣ ପରିବେଶରେ ବିଦାୟ ଦେଇଥିଲେ।

## ଆଇଟିସି ନିମାଇଲ୍‌ର 'ଶୁଦ୍ଧ ଶୁଭାରମ୍ଭ' ଅଭିଯାନ

ପୁରୀ,୮।୭(ଅଜିତ୍ କୁମାର ମହାନ୍ତି)




ମହାପ୍ରଭୁଙ୍କ ରଥଯାତ୍ରାକୁ ଅଧିକ ସୁନ୍ଦର ଓ ସ୍ୱଚ୍ଛ କରିବା ପାଇଁ ଆଇଟିସିର ଅଗ୍ରଣୀ ଫ୍ଲୋର୍ କ୍ଲିନର ବ୍ରାଣ୍ଡ ନିମାଇଲ 'ଶୁଦ୍ଧ ଶୁଭାରମ୍ଭ' ନାମରେ ସ୍ୱତନ୍ତ୍ର ପ୍ରୟାସ ଆରମ୍ଭ କରିଛି। ନିମ୍‌ର ପ୍ରାକୃତିକ ଉପକାରୀ ଗୁଣରେ ଭରପୂର ନିମାଇଲ ବ୍ୟବହାର କରି ରଥଯାତ୍ରା ପାଇଁ ସମ୍ପୂର୍ଣ୍ଣ ବଡ଼ଦାଣ୍ଡକୁ ସ୍ୱଚ୍ଛ କରାଯାଇଛି। ଏହି ସାମୂହିକ ସ୍ୱଚ୍ଛତା କାର୍ଯ୍ୟକ୍ରମରେ ଉତ୍କଳୀୟ କଳା ସଂସ୍କୃତିକୁ ପ୍ରଦର୍ଶନ କରାଯାଇଥିଲା। ଗୋଟିପୁଅ ନୃତ୍ୟରୁ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଥିଲା। ପାରମ୍ପରିକ ବାଦ୍ୟର ତାଳେ ତାଳେ ଆଦିବାସୀ ନୃତ୍ୟ ଓ ପୁରୀର ସ୍ୱତନ୍ତ୍ର ମେଢ଼ ନାଚ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲା। ଓଡ଼ିଆ ଅଭିନେତ୍ରୀ ପୁନମ ମିଶ୍ର ଓ ଶିବାନୀ ସଙ୍ଗୀତା ଏହି ସମାବେଶରେ ଯୋଗଦେଇଥିଲେ। ଉଭୟ ଅଭିନେତ୍ରୀ ବଡ଼ଦାଣ୍ଡ ସଫେଇରେ ମଧ୍ୟ ସାମିଲ ହୋଇଥିଲେ। ଆଇଟିସି ଲିମିଟେଡ୍‌ର ପର୍ସନାଲ କେୟାର ପ୍ରଡକ୍ଟ ବିଜନେସ୍‌ର ବିଭାଗୀୟ କାର୍ଯ୍ୟନିର୍ବାହୀ ଅଧିକାରୀ ସମୀର ଶତପଥୀ ଏହି ଅବସରରେ ସୂଚନା ଦେଇ କହିଥିଲେ, ଆମେ ପବିତ୍ର ରଥଯାତ୍ରାର ଏକ ଅଂଶ ହୋଇ ଖୁବ୍ ଗର୍ବିତ, ଯାହାର ଭାରତରେ ଅନେକ ସାଂସ୍କୃତିକ ଓ ଧାର୍ମିକ ମହତ୍ତ୍ୱ ରହିଛି। ନିମ୍‌ର ଶକ୍ତି ସହିତ ପ୍ରସ୍ତୁତ ଆଇଟିସି ନିମାଇଲରେ ରଥର ପବିତ୍ର ପଥକୁ ଶୁଦ୍ଧ କରାଯାଇଛି। ସେହିପରି ଅଭିନେତ୍ରୀ ପୁନମ୍ କହିଥିଲେ, ଆଇଟିସି ନିମାଇଲର ଶୁଦ୍ଧ ଶୁଭାରମ୍ଭ ଅଭିଯାନ ରାଜ୍ୟରେ ସବୁଠାରୁ ପବିତ୍ର ଉତ୍ସବର ଆରମ୍ଭ ସହ ଜଡ଼ିତ ରହିଛି। ଅଭିନେତ୍ରୀ ଶିବାନୀ ସଙ୍ଗୀତା କହିଥିଲେ, ଆଇଟିସି ନିମାଇଲର ଶୁଦ୍ଧ ଶୁଭାରମ୍ଭ ହେଉଛି ଏକ ସ୍ୱତନ୍ତ୍ର ଅଭିଯାନ, ଯାହା ରଥ ପଥର ସାମୂହିକ ଶୁଦ୍ଧତାକୁ ପ୍ରୋତ୍ସାହିତ କରୁଛି। ସଂସ୍କୃତି ଓ ପରମ୍ପରାରେ ଆମର ଦୃଢ଼ ବିଶ୍ୱାସ ପ୍ରତି ଏହା ଏକ ପ୍ରମାଣ। ଆଇଟିସି ମାର୍କେଟିଂ ଉପସଭାପତି ସଞ୍ଜୟ ଶ୍ରୀନିବାସ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ୩ ରଥ ଗୁଣ୍ଡିଚା ମନ୍ଦିରରେ ପହଞ୍ଚିବା ପରେ ବଡ଼ଦାଣ୍ଡକୁ ପୁଣିଥରେ ନିମାଇଲ ଦ୍ୱାରା ସଫା କରାଯିବ। ମହାପ୍ରଭୁଙ୍କ ରଥଯାତ୍ରାରେ ସେବା କରିବାର ସୁଯୋଗ ପାଇ ନିମାଇଲ ପରିବାର ବେଶ୍ ଖୁସି ବୋଲି ଶ୍ରୀନିବାସ କହିଛନ୍ତି।

## ସୂଚନା କେନ୍ଦ୍ର ପରିଦର୍ଶନ କଲେ ସୂଚନା ଓ ଲୋକ ସମ୍ପର୍କ ନିର୍ଦ୍ଦେଶକ

ପୁରୀ,୮।୭(ଅଜିତ୍ କୁମାର ମହାନ୍ତି)

ପବିତ୍ର ରଥଯାତ୍ରା ଅବସରରେ ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ୧୩ଟି ଅସ୍ଥାୟୀ ସୂଚନା କେନ୍ଦ୍ର ଖୋଲାଯାଇଛି। ସୂଚନା ଓ ଲୋକ ସମ୍ପର୍କ ନିର୍ଦ୍ଦେଶକ ସରୋଜ କୁମାର ସାମଲ ସୋମବାର ପୂର୍ବାହ୍ନରେ ବଳଗଣ୍ଡି, ବଡ଼ଶଙ୍ଖ ଓ ଗୁଣ୍ଡିଚା ମନ୍ଦିର ନିକଟସ୍ଥ ମୁକ୍ତାକାଶ ରଙ୍ଗମଞ୍ଚର ଶରଧାବାଲି ସୂଚନା କେନ୍ଦ୍ର ପରିଦର୍ଶନ କରିଥିଲେ। ଅନ୍ୟାନ୍ୟ ସେବା ଭଳି ଶ୍ରଦ୍ଧାଳୁଙ୍କ ସୁବିଧା ପାଇଁ ଏହି ସୂଚନା କେନ୍ଦ୍ର ଉପଲବ୍ଧ ହୋଇଛି। ପରସ୍ପରଠାରୁ ବିଚ୍ଛିନ୍ନ ହୋଇ ବ୍ୟସ୍ତ ହୋଇଯାଉଥିବା ବ୍ୟକ୍ତି ବିଶେଷଙ୍କୁ ଏହି ସୂଚନା ସେବା ମାଧ୍ୟମରେ ପରସ୍ପର ସହ ମିଳିତ ହେବାର ସେବା ଯୋଗାଇ ଦିଆଯାଉଛି ବୋଲି ସେ କହିଥିଲେ। ସେହିଭଳି ସାଧାରଣ ଲୋକଙ୍କୁ ବିଭିନ୍ନ ଅତ୍ୟାବଶ୍ୟକ ସୂଚନା ଦେବା, ଭିଡ଼ରେ ସେମାନଙ୍କ ସୁରକ୍ଷା ପାଇଁ ବିଭିନ୍ନ ସତର୍କ ସୂଚନା ଦେବା, ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ମାସିକ ଭାବେ ଓ ସ୍ୱତନ୍ତ୍ର ବିଶେଷାଙ୍କ ଭାବେ ପ୍ରକାଶିତ ଉତ୍କଳ ପ୍ରସଙ୍ଗ, ଓଡ଼ିଶା ରିଭ୍ୟୁ ଓ ଭଜନ ପୁସ୍ତିକା ବିକ୍ରୟ କରିବା ଏବଂ ପ୍ରତ୍ୟହ ସନ୍ଧ୍ୟାରେ ପ୍ରତି ସୂଚନା କେନ୍ଦ୍ରରେ ପାରମ୍ପରିକ ଲୋକକଳା, ଭଜନ ଇତ୍ୟାଦି ପରିବେଷଣର ବ୍ୟବସ୍ଥା କରାଯାଇଛି। ନିର୍ଦ୍ଦେଶକ ସାମଲ ଅସ୍ଥାୟୀ ସୂଚନା କେନ୍ଦ୍ରରୁ ଉତ୍କଳ ପ୍ରସଙ୍ଗ, ଓଡ଼ିଶା ରିଭ୍ୟୁ ଓ ଭଜନ ପୁସ୍ତକ କ୍ରୟ କରୁଥିବା ପାଠକମାନଙ୍କ ସହ ବାର୍ତ୍ତାଳାପ କରିଥିଲେ। ସେହିପରି ସୂଚନା କେନ୍ଦ୍ରଗୁଡ଼ିକରେ ଶିଶୁ ସୁରକ୍ଷା ୟୁନିଟର ସ୍ୱେଚ୍ଛାସେବୀମାନେ ହଜି ଯାଉଥିବା ଶିଶୁଙ୍କ ଉଦ୍ଧାର ଓ ପରିବାର ସହ ମିଶାଇବା ପ୍ରକ୍ରିୟାରେ ସହଯୋଗ କରୁଛନ୍ତି। ସାମଲ ଘୋଷକ ଓ ଶିଶୁ ସୁରକ୍ଷା ସ୍ୱେଚ୍ଛାସେବୀଙ୍କ ସହିତ ଆଲୋଚନା କରି ବିଭିନ୍ନ ପରାମର୍ଶ ଦେଇଥିଲେ।



ସୂଚନା ଓ ଲୋକ ସମ୍ପର୍କ ନିର୍ଦ୍ଦେଶକ ସରୋଜ କୁମାର ସାମଲ ଏକ ସୂଚନା କେନ୍ଦ୍ର ପରିଦର୍ଶନ ଅବସରରେ ସ୍ୱେଚ୍ଛାସେବୀଙ୍କ ସହ ଆଲୋଚନା କରୁଛନ୍ତି ।

# ରାସ୍ତାରେ ଗୋରୁ, ଘଟୁଛି ଦୁର୍ଘଟଣା

■ ଗାଡ଼ି ଚଳାଚଳରେ ସମସ୍ୟା
■ ରାଜସ୍ୱ ହରାଉଛି ସିଏମ୍‌ସି

କଟକ,୮।୭ (କାର୍ତ୍ତିକ ସାହୁ)

କଟକ ସହରର ରାସ୍ତାଘାଟରେ ବୁଲା ଗୋରୁଙ୍କ ପ୍ରାଦୁର୍ଭାବ ବୃଦ୍ଧି ପାଇବାରେ ଲାଗିଛି। ଏଥିଯୋଗୁ ଲୋକମାନେ ଯାତାୟାତରେ ସମସ୍ୟାର ସମ୍ମୁଖୀନ ହେଉଥିବାବେଳେ ଅଧିକାଂଶ ସମୟରେ ଦୁର୍ଘଟଣା ଘଟୁଛି। ଏହାକୁ ନେଇ ଜନ ଅସନ୍ତୋଷ ବୃଦ୍ଧି ପାଇଛି। ତୁରନ୍ତ କଟକ ମହାନଗର ନିଗମ(ସିଏମ୍‌ସି) କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି।

ପ୍ରାଚୀନ ସହର କଟକକୁ ସୌନ୍ଦର୍ଯ୍ୟମଣ୍ଡିତ କରିବା ଦିଗରେ ସରକାର ବିଭିନ୍ନ ପଦକ୍ଷେପ ହାତକୁ ନେଇଛନ୍ତି। କୋଟି କୋଟି ଟଙ୍କା ବ୍ୟୟରେ ତାଳଦଣ୍ଡା କେନାଲର ସୌନ୍ଦର୍ଯ୍ୟକରଣ, ରାଣୀହାଟ ୱାଚ୍‌ଟାୱାର ସ୍ଥାପନ, କଟକ ନେତାଜୀ ବସ୍ ଟର୍ମିନାଲ ନିର୍ମାଣ, ବିଭିନ୍ନ ରାସ୍ତାକୁ ୪ ଥାକିଆ କରିବା ସହ ସହରର ମୁଖ୍ୟ ନର୍ଦ୍ଦମାକୁ ବକ୍ସଡ୍ରେନ୍‌ରେ ପରିଣତ କରିଛନ୍ତି। ଏସ୍‌ସିବି ମେଡିକାଲ ଓ କଟକ ରେଳଷ୍ଟେଶନକୁ ବିଶ୍ୱସ୍ତରୀୟ କରିବା ପାଇଁ ନିର୍ମାଣ କାର୍ଯ୍ୟ ଦ୍ରୁତବେଗରେ ଆଗେଇ ଚାଲିଛି। ଏହାବାଦ ରାଜ୍ୟର ପ୍ରମୁଖ ଶିକ୍ଷାନୁଷ୍ଠାନ, ସ୍ୱାସ୍ଥ୍ୟାନୁଷ୍ଠାନ, ହାଇକୋର୍ଟ ସମେତ ଅନ୍ୟାନ୍ୟ ବିଚାରାଳୟ ଏବଂ ବହୁ କେନ୍ଦ୍ରୀୟ ତଥା ରାଜ୍ୟ ସରକାରଙ୍କ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟାଳୟ ସହରରେ ବିଭିନ୍ନ ଅଞ୍ଚଳରେ ରହିଛି। ରାଜ୍ୟ ତଥା ରାଜ୍ୟ ବାହାରୁ ଲୋକମାନେ ରାତି ପାହିଲେ ଏହି ସହରକୁ ଆସୁଛନ୍ତି। ହେଲେ ରାସ୍ତାରେ ବୁଲୁଥିବା ଗୋରୁପଲ ସେମାନଙ୍କ ଯାତାୟାତରେ ଅସୁବିଧା ସୃଷ୍ଟି କରୁଛନ୍ତି। ହେଲେ ଏହି ଗୋରୁଙ୍କ ଉପରେ ସିଏମ୍‌ସିର କୌଣସି ଅଙ୍କୁଶ ନାହିଁ। ଲୋକମାନେ ସେମାନଙ୍କ ଗୋରୁଙ୍କୁ ଛାଡି ଦେଉଛନ୍ତି। ଫଳରେ ଗୋରୁପଲ ରାସ୍ତା ମଝିରେ ଶୋଇବା ଦ୍ୱାରା ଗାଡି ଚଳାଚଳରେ ସମସ୍ୟା ହେଉଛି। ଲୋକମାନେ ନିଜ କାମରେ ବ୍ୟସ୍ତ ଭାବେ ଯାଉଥିବାବେଳେ ରାସ୍ତାରେ ଠିଆ ହୋଇଥିବା ଗୋରୁଙ୍କ ସହ ଧକ୍କା ହୋଇ ମେଡିକାଲ ଯାଉଛନ୍ତି। ଅପରପକ୍ଷରେ ବିକ୍ଷିପ୍ତ ଭାବରେ ଗୋବର ପଡ଼ି ରହିବାରୁ ପୂତିଗନ୍ଧମୟ ପରିବେଶ ସୃଷ୍ଟି ହେବା ସହ ରାସ୍ତାଘାଟର ସୌନ୍ଦର୍ଯ୍ୟ ନଷ୍ଟ ହେବାରେ ଲାଗିଛି। ବୁଲା ଗୋରୁଗୁଡ଼ିକ ମଧ୍ୟରେ ଦାବିଦାର ଥିବା ଓ ଦାବିଦାର ନଥିବା ଗୋରୁ ଅଛନ୍ତି। ତେବେ ବୁଲାଗୋରୁଙ୍କୁ ଧରି କାଞ୍ଜିଆହୁଦାରେ ଭର୍ତ୍ତି କରିବା ପାଇଁ ବ୍ୟବସ୍ଥା ଥିଲେ ମଧ୍ୟ ତାହା କାର୍ଯ୍ୟକାରୀ ହେଉନାହିଁ। ଫଳରେ ସିଏମ୍‌ସି ମୋଟାଅଙ୍କର ରାଜସ୍ୱ ହରାଉଛି।

ଏନେଇ ସିଏମ୍‌ସି ମେୟର ସୁବାସ ସିଂ କହିଛନ୍ତି, ଲୋକଙ୍କ ଜୀବନର ସୁରକ୍ଷା ପାଇଁ ସିଏମ୍‌ସି ସର୍ବଦା ଯତ୍ନବାନ ରହିଛି। ସହରର ରାସ୍ତାଘାଟରୁ ବୁଲା ଗୋରୁଙ୍କୁ ହଟାଇବା ପାଇଁ ଏକ ମାଷ୍ଟର ପ୍ଲାନ୍ ପ୍ରସ୍ତୁତ କରାଯାଉଛି। ଖୁବ୍‌ଶୀଘ୍ର ଏହା କାର୍ଯ୍ୟକାରୀ କରିବା ପାଇଁ ଚେଷ୍ଟା କରାଯାଉଛି। ଏହା ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ହେଲେ ବୁଲା ଗୋରୁଙ୍କ ଦ୍ୱାରା ସୃଷ୍ଟି ହେଉଥିବା ସମସ୍ୟା ଦୂର ହୋଇପାରିବ।


ସିଡିଏ ସେକ୍ଟର-୬ ମାର୍କେଟ୍ କମ୍ପ୍ଲେକ୍ସ ମୁଖ୍ୟ ରାସ୍ତାରେ ଗୋରୁପଲ।

## ସଂକ୍ଷେପରେ

### ଏଥର ଟଙ୍କା ମାଗିଲେ ଥାନା ହାଜତକୁ ଯିବେ

**ମୃତଦେହ ବ୍ୟବଚ୍ଛେଦ ଗୃହକୁ ନେବା ପାଇଁ କର୍ମଚାରୀ ଟଙ୍କା ମାଗିବା ଘଟଣା**

କଟକ, ୮।୭(ଶିଳ୍ପା ପ୍ରିୟଦର୍ଶିନୀ)

ଏସ୍‌ସିବି ମେଡିକାଲରେ କର୍ମଚାରୀମାନେ ମୃତଦେହ ବ୍ୟବଚ୍ଛେଦ ଗୃହକୁ ନେବା ଓ ବ୍ୟବଚ୍ଛେଦ ପରେ ମୃତଦେହକୁ କଳା ପଲିଥିନ୍‌ରେ ଘୋଡାଇବା ପାଇଁ ଟଙ୍କା ମାଗୁଥିବା ଅଭିଯୋଗ ହୋଇଥିଲା। ଏହାକୁ ଗୁରୁତର ସହ ନେଇ ଏସ୍‌ସିବି କର୍ତ୍ତୃପକ୍ଷ ସୋମବାର ଏକ ନୋଟିସ୍ ଜାରି କରିଛନ୍ତି। ଯଦି କୌଣସି ଆଳ ଦେଖାଇ ମେଡିକାଲ କର୍ମଚାରୀ ଟଙ୍କା ମାଗନ୍ତି, ତେବେ ସେମାନେ ଥାନା ହାଜତକୁ ଯିବେ। ଏନେଇ ୨ଟି ଫୋନ୍ ନମ୍ବର(୭୯୭୮୩୩୩୪୯୫, ୦୬୭୧୨୯୯୨୭୦୦) ଜାରି ହୋଇଛି। ଯଦି କେହି ଟଙ୍କା ମାଗନ୍ତି, ତା'ହେଲେ ଉକ୍ତ ନମ୍ବର ଜରିଆରେ ଲୋକମାନେ ଜଣାଇବାକୁ ମେଡିକାଲ କର୍ତ୍ତୃପକ୍ଷ ନିବେଦନ କରିଛନ୍ତି। ଅପରପକ୍ଷରେ ମେଡିକୋ ଲିଗାଲ୍ କେସ୍(ଏମ୍‌ଏଲ୍‌ସି) ଘଟଣାରେ ବିଭାଗ କିମ୍ବା ୱାର୍ଡରୁ ବ୍ୟବଚ୍ଛେଦ ଗୃହକୁ ମୃତଦେହ ଆଣିବା ନିମନ୍ତେ ଏକ ବ୍ୟାଟେରି ଆମ୍ବୁଲାନ୍ସ ନିୟୋଜିତ କରାଯିବ ବୋଲି ମେଡିକାଲର ପ୍ରଶାସନିକ ଅଧିକାରୀ ଅବିନାଶ ରାଉତ ସୂଚନା ଦେଇଛନ୍ତି।

### 'କୃଷକଙ୍କ ଆର୍ଥିକ ବିକାଶ କରିବ ତରଙ୍ଗମେଳା'

କଟକ,୮।୭ (କାର୍ତ୍ତିକ ସାହୁ)

ନାବାର୍ଡ ଏସ୍‌ଏଫ୍‌ଏସି ଏବଂ ଓଏନ୍‌ଡିସି ମିଳିତ ଆନୁକୂଲ୍ୟରେ କଟକ ବାଲିଯାତ୍ରା ପଡ଼ିଆରେ କୃଷକ ଉତ୍ପାଦକ ସଙ୍ଗଠନଗୁଡିକୁ ନେଇ ତିନିଦିନିଆ ତରଙ୍ଗ ମେଳା-୨ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ଓ ପଶ୍ଚିମବଙ୍ଗ ରାଜ୍ୟରୁ ୪୦ଟି କୃଷକ ଉତ୍ପାଦକ ସଂଘର ପ୍ରତିନିଧି ଏଥିରେ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଚାଷୀଙ୍କ ଉତ୍ପାଦ ପ୍ରଦର୍ଶନୀ ତଥା ବିକ୍ରି ଉପରେ ଗୁରୁତ୍ୱ ଦିଆଯାଇଥିଲା। ନାବାର୍ଡ ମୁଖ୍ୟ ମହାପ୍ରବନ୍ଧକ ଡ. ସୁଧାଂଶୁ କେ.କେ. ମିଶ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଏସ୍‌ଏଫ୍‌ଏସିର ନିର୍ଦ୍ଦେଶକ ନଟବର ପାଲ୍, ୟୁକୋ ବ୍ୟାଙ୍କର ମୁଖ୍ୟ ପ୍ରବନ୍ଧକ ବିଭୂତି ଭୂଷଣ ବେହେରା, ନାବାର୍ଡ ମହାପ୍ରବନ୍ଧକ ସଞ୍ଜୟ ତାଲୁକଦାର ଯୋଗଦେଇ ତରଙ୍ଗମେଳା କୃଷକଙ୍କ ଆର୍ଥିକ ବିକାଶ କରିବ ବୋଲି କହିଛନ୍ତି। ପ୍ରାରମ୍ଭରେ ନାବାର୍ଡ ମହାପ୍ରବନ୍ଧକ ବି.କେ. ଜାମଦା ଉକ୍ତ ମେଳାର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ନାବାର୍ଡର କଟକ ଜିଲା ଡିଡିଏମ୍ ପ୍ରକ୍ସିମା ପରିଡ଼ା ଧନ୍ୟବାଦ ଦେଇଥିଲେ। ସ୍ୱେଚ୍ଛାସେବୀ ସଙ୍ଗଠନ ନିଗମର କର୍ମକର୍ତ୍ତା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# କମ୍ପାନୀ ସମ୍ମୁଖରେ ଶ୍ରମିକଙ୍କ ଧାରଣା

ଚୌଦ୍ୱାର,୮।୭(ଆଶୁତୋଷ ଦାସ)

ଟାଙ୍ଗୀ-ଚୌଦ୍ୱାର ବ୍ଲକ ଇନ୍ଦ୍ରାଣୀପାଟଣା ପଞ୍ଚାୟତରେ ଥିବା ନେକ୍ସସ୍ ଇଞ୍ଜିନିୟରିଂ ନାମକ ଏକ ଘରୋଇ କମ୍ପାନୀର ଜଣେ ଶ୍ରମିକଙ୍କୁ ଛଟେଇ କରାଯାଇଛି। ଏହାର ପ୍ରତିବାଦରେ କମ୍ପାନୀର ଅନ୍ୟ ଶ୍ରମିକମାନେ ସୋମବାର କାର୍ଯ୍ୟ ବନ୍ଦ କରି କମ୍ପାନୀ ମୁଖ୍ୟ ଫାଟକ ସମ୍ମୁଖରେ ଧାରଣାରେ ବସିଥିଲେ। ମିଳିଥିବା ସୂଚନା ଅନୁଯାୟୀ, ଉକ୍ତ କମ୍ପାନୀ ଆରମ୍ଭ ହେବା ଦିନଠାରୁ ସ୍ଥାନୀୟ ଅଞ୍ଚଳର ଅନାମ ଦାସ ନାମକ ଯୁବକ କାମ କରୁଥିଲେ। ହେଲେ କିଛିଦିନ ହେବ କୌଣସି କାରଣ ପାଇଁ ତାଙ୍କୁ କମ୍ପାନୀ ଭିତରକୁ ଯିବାକୁ ବାରଣ କରାଯିବା ସହ ଛଟେଇ କରାଯାଇଛି। ଏଥିରେ କ୍ଷୁବ୍ଧ ହୋଇ ଅନ୍ୟ ଶ୍ରମିକମାନେ କମ୍ପାନୀ ଫାଟକ ସମ୍ମୁଖରେ ଧାରଣାରେ ବସିଥିଲେ। ଖବରପାଇ ଚୌଦ୍ୱାର ପୋଲିସ ଘଟଣାସ୍ଥଳରେ ପହଞ୍ଚି ସ୍ଥାନୀୟ ନେତୃବୃନ୍ଦ ଓ କମ୍ପାନୀର ମୁଖ୍ୟଙ୍କ ସହିତ ଆଲୋଚନା କରିଥିଲେ। ଆସନ୍ତା ୩ ଦିନ ଭିତରେ ଏ ସମ୍ପର୍କରେ ଆଲୋଚନା କରାଯିବା ନେଇ ନିଷ୍ପତ୍ତି ଶୁଣିବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିବା ପୂର୍ବତନ ସରପଞ୍ଚ ସରୋଜ ମଲ୍ଲିକ କହିଛନ୍ତି । ତେବେ ଉକ୍ତ କମ୍ପାନୀ କର୍ମଚାରୀଙ୍କୁ ସ୍ୱଳ୍ପ ବେତନ ପ୍ରଦାନ କରିବା, କାର୍ଯ୍ୟରତ ଶ୍ରମିକଙ୍କୁ ଅନ୍ୟାନ୍ୟ ସୁବିଧା ପ୍ରଦାନ କରାଯାଉ ନ ଥିବା, ସ୍ଥାନୀୟ ନିଯୁକ୍ତିକୁ ଅଣଦେଖା କରାଯିବା ନେଇ ଶ୍ରମିକମାନେ ଅଭିଯୋଗ କରିଛନ୍ତି। ଏହି ସମସ୍ତ ବିଷୟ ଉପରେ କମ୍ପାନୀ କର୍ତ୍ତୃପକ୍ଷ ଦୃଷ୍ଟି ନ ଦେଲେ ଆଗାମୀ ଦିନରେ ଆନ୍ଦୋଳନ ତୀବ୍ରତର ହେବ ବୋଲି ଶ୍ରମିକ ତଥା ଆନ୍ଦୋଳନର ନେତୃତ୍ୱ ନେଇଥିବା ଯୁବନେତା ରଞ୍ଜନ କୁମାର ସ୍ୱାଇଁ, ତୀର୍ଥାନନ୍ଦ ସୁବୁଦ୍ଧିରାୟ, ମୋହନ ଚରଣ ସାହୁ କହିଛନ୍ତି। କମ୍ପାନୀର ମ୍ୟାନେଜର ବିଭୁ ରଥଙ୍କୁ କହିଛନ୍ତି, ମାଲିକ ବାହାରେ ଅଛନ୍ତି। ତେଣୁ ଏନେଇ କୌଣସି ମତାମତ ଦେବି ନାହିଁ।

# ଅଶ୍ଳୀଳ ଭିଡିଓ ଭାଇକୁ ପଠାଇ ବ୍ଲାକମେଲିଂ: ଯୁବକ ଗିରଫ

ସାଲେପୁର,୮।୭(ଅରବିନ୍ଦ ଭୂୟାଁ)

ସାଲେପୁର ଥାନା ଅଞ୍ଚଳର ଜଣେ ଯୁବତୀଙ୍କ ଅଶ୍ଳୀଳ ଫଟୋ ଓ ଭିଡିଓ ଭାଇକୁ ପଠାଇ ବ୍ଲାକମେଲିଂ କରିବା ଅଭିଯୋଗରେ ପୋଲିସ ଜଣେ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ଜଗତ୍‌ସିଂହପୁର ଜିଲା ବିରିଡ଼ି ଥାନା ଅଧୀନ ବେଲପୁର ଗ୍ରାମର ପ୍ରୀତେଶ ବସ୍ତିଆ। ପ୍ରୀତେଶଙ୍କ ସହ ସୋସିଆଲ ମିଡିଆ ଜରିଆରେ ପୀଡ଼ିତାଙ୍କ ବନ୍ଧୁତା ଗଢ଼ି ଉଠିଥିଲା। ଏହାର ସୁଯୋଗ ନେଇ ପ୍ରୀତେଶ ବିଭିନ୍ନ ପ୍ରକାର ପ୍ରଲୋଭନ ଦେଖାଇ ଯୁବତୀଙ୍କ ଅଶ୍ଳୀଳ ଫଟୋ ଏବଂ ଭିଡିଓ ଉତ୍ତୋଳନ କରି ନେଇଥିଲେ। ଏହାପରେ ଏସବୁ ତାଙ୍କ ଭାଇଙ୍କୁ ପଠାଇ ବ୍ଲାକମେଲିଂ କରିଥିଲେ। ଏନେଇ ପୀଡ଼ିତା ସାଲେପୁର ଥାନାରେ ଅଭିଯୋଗ କରିବା ପରେ ପୋଲିସ ମାମଲା (ନଂ. ୨୧୭/୨୪) ରୁଜୁ କରି ତଦନ୍ତ ଜାରି ରଖିଥିଲା। ଏଥିସହ ପ୍ରୀତେଶଙ୍କ ମୋବାଇଲ୍ ଟ୍ରାକିଂ କରି ତାଙ୍କୁ ଗିରଫ କରିଛି।



ରଥଯାତ୍ରା ଉପଲକ୍ଷେ କଟକ ଚାନ୍ଦିନୀଚୌକ ଗୁଣ୍ଡିଚା ମନ୍ଦିର ସମ୍ମୁଖରେ ସୋମବାର କଳାକାରଙ୍କ ଦ୍ୱାରା ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ।

# ବିଦ୍ୟାଳୟ, ରାସ୍ତାପାର୍ଶ୍ୱରେ ୪୦୦ ଚାରା ରୋପଣ

ଚୌଦ୍ୱାର/ଖୁଣ୍ଟୁଣୀ,୮।୭
(ଆଶୁତୋଷ ଦାସ/ସଚ୍ଚିଦାନନ୍ଦ ପଣ୍ଡା)

ଟାଙ୍ଗୀ-ଚୌଦ୍ୱାର ବ୍ଲକ ମଙ୍ଗରାଜପୁର ପଞ୍ଚାୟତ ଅନ୍ତର୍ଗତ ବେରଣା ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟ ପରିସରରେ ଆଦିବାସୀ ଫାଉଣ୍ଡେଶନ ପକ୍ଷରୁ ବନ ମହୋତ୍ସବ ପାଳିତ ହୋଇଯାଇଛି। ଫାଉଣ୍ଡେଶନର ସଭାପତି ଗମନ କଳାଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମଙ୍ଗରାଜପୁର ବନପାଳ ସଞ୍ଜୀବ ବଇପାଇ, ବିକ୍ରମ ବୁଡିଉଲି, ପୁନମ ପର୍ତ୍ତି, ଗମିୟା ଅମନ, ସୁନାରାମ ସିଙ୍କୁ, ଇନ୍ଦ୍ରମଣୀ ଲିୟାଙ୍ଗି, ରାମସିଂ ହେସାଁ ପ୍ରମୁଖ ଯୋଗଦେଇ ୨୦୦ରୁ ଊର୍ଦ୍ଧ୍ୱ ଚାରା ରୋପଣ କରିଥିଲେ। ମା' ଖଣ୍ଡରାଇ ବନ ସୁରକ୍ଷା ସମିତି ସହଯୋଗରେ ଆଗାମୀ ଦିନରେ ବ୍ୟାପକ ଚାରା ରୋପଣ, ଜଙ୍ଗଲ ସୁରକ୍ଷା ସହିତ ଜୀବଜନ୍ତୁଙ୍କ ସୁରକ୍ଷା ଉପରେ ବ୍ୟାପକ କାର୍ଯ୍ୟକ୍ରମ ହେବ ବୋଲି ଅତିଥିମାନେ ସୂଚନା ଦେଇଥିଲେ। ମଙ୍ଗଳ କଳା, ସୁମିତ୍ରା ଡାଙ୍ଗିଲ, ମଧୁସୂଦନ କେରାଇ, ଶଶି ପୂର୍ତ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କୃଷ୍ଣଚନ୍ଦ୍ର ସାଣ୍ଡିଲ ଧନ୍ୟବାଦ ଦେଇଥିଲେ।

ଆଠଗଡ଼ ବ୍ଲକ ଅଧୀନ କୁଳାଇଲୋ ଅନନ୍ତ ଦଳେଇ ଅସ୍ଥି ଚିକିତ୍ସା ସେବା ସଦନ ପକ୍ଷରୁ କୁଳାଇଲୋଠାରୁ କରିକମଳ ଗ୍ରାମ ରାସ୍ତାପାର୍ଶ୍ୱରେ ଚାରାରୋପଣ କରାଯାଇଛି। ସେବା ସଦନର ପରିଚାଳକ ଗିରିଶ ଚନ୍ଦ୍ର ବେଉରାୟଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମାନସ ମହାନ୍ତି, ପ୍ରତାପ ସ୍ୱାଇଁ, ବଟକୃଷ୍ଣ ସ୍ୱାଇଁ, ଅରୁଣ ପରିଡା, ମହେଶ୍ୱର ରାଉତ, ପ୍ରତାପ ବେହେରା, ଦୀପ୍ତିମୟୀ ପଣ୍ଡା, ପ୍ରଶାନ୍ତ ବେହେରା ପ୍ରମୁଖ ଯୋଗଦେଇ ବିଭିନ୍ନ ପ୍ରକାରର ୨୦୦ ଚାରା ରୋପଣ କରିଥିଲେ।

# କଟକ ସହରରେ ଭାଗୀରଥି, ସରଳାଙ୍କ ପ୍ରତିମୂର୍ତ୍ତି ସ୍ଥାପନ ହେଉ



କଟକ,୮।୭ (କାର୍ତ୍ତିକ ସାହୁ)

ଲୌହ ମାନବୀ ସରଳା ଦେବୀ ଏବଂ ଉତ୍କଳ ପ୍ରଦେଶ କଂଗ୍ରେସ କମିଟିର ପ୍ରଥମ ମହାସଚିବ ତଥା କଟକ ମ୍ୟୁନିସିପାଲିଟିର ପ୍ରଥମ ନିର୍ବାଚିତ ଅଧକ୍ଷ ଭାଗୀରଥି ମହାପାତ୍ରଙ୍କ ତୈଳଚିତ୍ର ଭୁବନେଶ୍ୱରସ୍ଥିତ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି(ପିସିସି) କାର୍ଯ୍ୟାଳୟରେ ସ୍ଥାନିତ କରାଯାଉ। ସରଳା ଦେବୀ-ଭାଗୀରଥି ମହାପାତ୍ର ଟ୍ରଷ୍ଟ ପକ୍ଷରୁ କଟକ ସହର ମଧ୍ୟସ୍ଥ ପ୍ରସ୍ତାବିତ ସ୍ଥାନରେ ଉଭୟଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରିବା ପାଇଁ ବାରବାଟୀ-କଟକ ବିଧାୟିକା ସୋଫିଆ ଫିର୍ଦ୍ଦୌସଙ୍କୁ ଏକ ଦାବିପତ୍ର ଜରିଆରେ ଅନୁରୋଧ କରାଯାଇଛି। ଏଥିସହ ସ୍ୱାଧୀନତା ସଂଗ୍ରାମୀ ଅମିତାଭ ମହାପାତ୍ରଙ୍କ ଏକ ପ୍ରତିମୂର୍ତ୍ତି ସ୍ଥାପନ ପାଇଁ ମଧ୍ୟ ଅନୁରୋଧ କରାଯାଇଛି। ଏହି ଅବସରରେ ଓଡ଼ିଶା ବିଧାନସଭାର ପ୍ରଥମ ମୁସ୍‌ଲିମ୍ ମହିଳା ବିଧାୟିକା ଭାବେ ସୋଫିଆଙ୍କୁ ଟ୍ରଷ୍ଟ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ଟ୍ରଷ୍ଟ ସଭାପତି ନିରଞ୍ଜନ ପଣ୍ଡା, ପରିଚାଳନା ଟ୍ରଷ୍ଟି ଲକ୍ଷ୍ମୀପ୍ରକାଶ ମହାପାତ୍ର, ଟ୍ରଷ୍ଟି କବିତା ମହାପାତ୍ର, ପତିତପାବନ ମହାପାତ୍ର, ବିଶ୍ୱଜିତ୍ ପାଣି, ପ୍ରସନ୍ନ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ଜାଲ୍ କାଗଜପତ୍ରରେ ସ୍ଥାୟୀ ନିର୍ମାଣ କାର୍ଯ୍ୟ

କଟକ ସଦର,୮।୭(ସୁଶାନ୍ତ କୁମାର ଜେନା)

କଟକ ସଦର ବ୍ଲକ ଅନ୍ତର୍ଗତ ୨୩ଟି ପଞ୍ଚାୟତକୁ ୨୦୨୩ରେ ବିଭିନ୍ନ ନିର୍ମାଣ ପାଇଁ ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମରେ ୫୦ ଲକ୍ଷ ଟଙ୍କା ଲେଖାଏଁ ଅନୁଦାନ ରାଶି ମିଳିଥିଲା। ସରକାର ବଦଳିବା ପରେ କଟକ ସଦର ନବ ନିର୍ବାଚିତ ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ ବିଭିନ୍ନ ପଞ୍ଚାୟତକୁ ଯାଇ ଉକ୍ତ କାର୍ଯ୍ୟର ତଦାରଖ କରିଛନ୍ତି। ଏହି ତଦାରଖବେଳେ ଜମିଜମା କାଗଜପତ୍ରରେ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି। ଅଧିକାଂଶ ପଞ୍ଚାୟତରେ ଗୋଟିଏ ସ୍ଥାନରେ ନିର୍ମାଣ ପାଇଁ ଦାଖଲ କରାଯାଇଥିବା ଜମିଜମା କାଗଜପତ୍ର ଅନୁଯାୟୀ ସେହି ସ୍ଥାନର ଜିଓ ଟ୍ୟାଗ୍ କରାଯାଇଥିଲା। ଏବେ ସେହି ସ୍ଥାନରେ କାର୍ଯ୍ୟ ନ କରାଯାଇ ଗୋଚର, ଜଳସେଚନ, ପୂର୍ତ୍ତ ଓ ଜଙ୍ଗଲ ବିଭାଗ ଜମିରେ କାର୍ଯ୍ୟ କରାଯାଇଥିବା ଅଭିଯୋଗ ହୋଇଛି। ଏଥିସହ ଦାଖଲ କରାଯାଇଥିବା କାଗଜପତ୍ର ଜାଲ୍ ବୋଲି ଜଣାପଡିଛି। ଏହାକୁ ନେଇ ବ୍ଲକ ପ୍ରଶାସନ ଅଡୁଆରେ ପଡ଼ିଛି। କାରଣ ସମସ୍ତ କାମ ବିଭାଗୀୟ ଯନ୍ତ୍ରୀ ଓ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ତତ୍ତ୍ୱାବଧାନରେ କରାଯାଇଛି। ଆମ ଓଡ଼ିଶା ନବୀନ ଓଡ଼ିଶାର ନିୟମ ଅନୁଯାୟୀ, ଯେଉଁ ଅନୁଷ୍ଠାନର ନିଜସ୍ୱ ଜାଗା ଥିବ, ସେହି ସ୍ଥାନରେ ସ୍ଥାୟୀ ନିର୍ମାଣ ପାଇଁ ଅର୍ଥ ମଞ୍ଜୁର କରାଯିବ। ପୁରୁଣା କାମକୁ ସମ୍ପୂର୍ଣ୍ଣ ଭାବେ ନିରୁତ୍ସାହିତ କରାଯିବ। ୭ନଂ. ଜିଲା ପରିଷଦ ଜୋନ୍ ଅଞ୍ଚଳର ବିଭିନ୍ନ ପଞ୍ଚାୟତରେ ୩୦ ବର୍ଷ ତଳର କବଲା ଓ କିଶନ ନଗର ତହସିଲଦାରଙ୍କ ପୁରୁଣା ଆପତ୍ତିବିହୀନ ପ୍ରମାଣପତ୍ର(ଏନ୍‌ଓସି) ବ୍ଲକ୍ କାର୍ଯ୍ୟାଳୟରେ ଦାଖଲ କରାଯାଇଛି। କିନ୍ତୁ ଏନ୍‌ଓସି ଦିଆଯାଇଥିବା ସ୍ଥାନ ଜଳସମ୍ପଦ, ପୂର୍ତ୍ତ, ଜଙ୍ଗଲ ବିଭାଗ ଅଧୀନରେ ଥିବାରୁ ସମ୍ପୃକ୍ତ ବିଭାଗ ଏଥିରେ ଆପତ୍ତି ଉଠାଇଛି। ପୂର୍ବ ସରକାର ଅମଳରେ ଏହିସବୁ ବେଆଇନ କାର୍ଯ୍ୟ ଆରମ୍ଭ ପାଇଁ କାର୍ଯ୍ୟାଦେଶ ଦିଆଯାଇଥିଲା। ବର୍ତ୍ତମାନର ସରକାର ଏହା ଉପରେ କ'ଣ ପଦକ୍ଷେପ ନେବେ ତା'କୁ ସମସ୍ତେ ଅପେକ୍ଷା କରିଛନ୍ତି। ଏ ସମ୍ପର୍କରେ କଟକ ସଦର ବିଡିଓ ରୁମାନା ଜାଫ୍ରିଙ୍କୁ ପଚାରିବାରୁ ଅଭିଯୋଗ ଆସିଲେ ବିଚାର କରାଯିବ ବୋଲି କହିଛନ୍ତି।

# ଶ୍ରୀ ପ୍ରସନ୍ନମଣି ଦେବଙ୍କ ନିଆରା ରଥଯାତ୍ରା

ତିଗିରିଆ, ୮।୭(ଜାଫର ଖାଁ)

ତିଗିରିଆ ଗୁପ୍ତ ଶ୍ରୀକ୍ଷେତ୍ରର ମର୍ଯ୍ୟାଦା ବହନ କରୁଥିବା ତିଗିରିଆ ବ୍ଲକର ଆରାଧ୍ୟ ଦେବତା ପ୍ରଭୁ ଶ୍ରୀ ପ୍ରସନ୍ନମଣି ଦେବ, ବଳଭଦ୍ର ଓ ସୁଭଦ୍ରାଙ୍କ ରଥ ସୋମବାର ସନ୍ଧ୍ୟାରେ ତିଗିରିଆ ଥାନା ଛକ ନିକଟସ୍ଥ ଗୁଣ୍ଡିଚା ମନ୍ଦିର ରଥଖଳାରେ ପହଞ୍ଚିଛି। ଗୁପ୍ତ ଶ୍ରୀକ୍ଷେତ୍ରର କିମ୍ବଦନ୍ତୀ ଅନୁଯାୟୀ, ଗୁଣ୍ଡିଚା ଯାତ୍ରା ଦିନ ତିଗିରିଆ ରାଜା ପୁରୀ ଯାଇ ଜଗନ୍ନାଥଙ୍କ ରଥଯାତ୍ରା ଦର୍ଶନ କରନ୍ତି। ଏହାର ପରଦିନ ତିଗିରିଆର ଆରାଧ୍ୟ ପ୍ରଭୁ ଶ୍ରୀ ପ୍ରସନ୍ନମଣିଙ୍କ ଗୁଣ୍ଡିଚା ଯାତ୍ରା ଅନୁଷ୍ଠିତ ହୋଇଥାଏ। ଏହି ପରମ୍ପରା ଅନୁସାରେ, ତିନି ରଥ ଗୁଣ୍ଡିଚା ମନ୍ଦିର ନିକଟରେ ପହଞ୍ଚିବା ପରେ ୩ ବିଗ୍ରହଙ୍କୁ ସେବକମାନଙ୍କ ଗୁଣ୍ଡିଚା ମନ୍ଦିରରେ ବିଜେ କରାଇଛନ୍ତି। ଏହି ଘୋଷଯାତ୍ରାକୁ ଶାନ୍ତିଶୃଙ୍ଖଳା ସହ ସମ୍ପାଦନ କରିବା ପାଇଁ କଟକ ଜିଲା ଅତିରିକ୍ତ ଗ୍ରାମାଞ୍ଚଳ ଆରକ୍ଷୀ ଅଧୀକ୍ଷକ କୃଷ୍ଣପ୍ରସାଦ ପଟ୍ଟନାୟକ, ଆଠଗଡ ଡିଏସ୍‌ପି ରବୀନ୍ଦ୍ର କୁମାର ମଲ୍ଲିକ, ତିଗିରିଆ ଥାନା ଭାରପ୍ରାପ୍ତ ଅଧିକାରୀ ସୁମନ୍ତ କିଷନ ଉପସ୍ଥିତ ଥିଲେ। ଏଥିସହ ଏକ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା।



# ଟେଣ୍ଡରରେ ଅଟକିଛି ଏଚ୍‌ଏଲ୍‌ଏ ମ୍ୟାଚିଂ ପରୀକ୍ଷାଗାର

କଟକ,୮।୭(ଶିଳ୍ପା ପ୍ରିୟଦର୍ଶିନୀ)

**କ୍ରସ୍‌ମ୍ୟାଚ୍ ପାଇଁ ବାହାର ପରୀକ୍ଷାଗାର ଉପରେ ନିର୍ଭର ରହୁଛି ଏସ୍‌ସିବି**



ଏସ୍‌ସିବି ମେଡିକାଲରେ ହ୍ୟୁମାନ୍ ଲ୍ୟୁକୋସାଇଟ୍ ଆଣ୍ଟିଜେନ୍ସ (ଏଚ୍‌ଏଲ୍‌ଏ) ମ୍ୟାଚିଂ ପରୀକ୍ଷାଗାର ନାହିଁ। ଏଥିଯୋଗୁ ଅଙ୍ଗପ୍ରତ୍ୟଙ୍ଗ ପ୍ରତିରୋପଣରେ ସମସ୍ୟା ହେଉଛି। ଏହି ପରୀକ୍ଷାଗାର ଖୋଲିବା ପାଇଁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ୨୦୨୩ରେ ଟେଣ୍ଡର ଡକାଯାଇଥିଲା। ଏଥିସହ ମେଡିକାଲର ଟ୍ରାନ୍ସଫ୍ୟୁଜନ ମେଡିସିନ ବିଭାଗରେ ଏହା ଖୋଲିବା ପାଇଁ ଚୂଡ଼ାନ୍ତ ନିଷ୍ପତ୍ତି ହୋଇଥିଲା। ହେଲେ ଏହି ପରୀକ୍ଷାଗାର ନିର୍ମାଣ ଏବେ ଟେଣ୍ଡରରେ ସୀମିତ ରହିଛି। ମେଡିକାଲର ଜନୈକ ଅଧିକାରୀଙ୍କ ସୂଚନା ମୁତାବକ, ଏସ୍‌ସିବିରେ ଅଙ୍ଗ ପ୍ରତିରୋପଣ କରାଯାଉଛି। ଏଥିପାଇଁ ଏଚ୍‌ଏଲ୍‌ଏ ମ୍ୟାଚିଂ ଜରୁରୀ। ଏଚ୍‌ଏଲ୍‌ଏ ମେଳରେ ଆଣ୍ଟିଜେନ ମେଳ ଖାଉଛି କି ନାହିଁ ତାହା ପରୀକ୍ଷା କରାଯାଇଥାଏ। ଗ୍ରହୀତା ଓ ଦାତାଙ୍କ ଏଚ୍‌ଏଲ୍‌ଏ ରିପୋର୍ଟ ମେଳ ଖାଇଲେ ବା କ୍ରସ୍‌ମ୍ୟାଚ୍ ହେଲେ ଅଙ୍ଗ ପ୍ରତିରୋପଣ ପ୍ରକ୍ରିୟା ଆରମ୍ଭ ହୋଇଥାଏ। ମେଡିକାଲରେ ଏବେ କାଡାଭରିକ୍ କିଡ୍‌ନୀ ପ୍ରତିରୋପଣ ସଂଖ୍ୟା ୧୬ରେ ପହଞ୍ଚିଥିବାବେଳେ ୨୦୦ରୁ ଅଧିକ ସାଧାରଣ କିଡ୍‌ନୀ ପ୍ରତିରୋପଣ କରାଯାଇଛି। ଏହାସହ ପ୍ରଥମ ଯକୃତ ପ୍ରତିରୋପଣ କରାଯାଇଥିବାବେଳେ ଏବେ ଦ୍ୱିତୀୟ ପ୍ରତିରୋପଣ ପାଇଁ ପ୍ରକ୍ରିୟା ଜାରି ରହିଛି। କିନ୍ତୁ ଏସ୍‌ସିବିରେ ନିଜସ୍ୱ ଏଚ୍‌ଏଲ୍‌ଏ ମ୍ୟାଚିଂ ପରୀକ୍ଷାଗାର ନ ଥିବାରୁ ରାଜ୍ୟ ବାହାର ଘରୋଇ ପରୀକ୍ଷାଗାରକୁ ଆଣ୍ଟିଜେନ ପଠାଯାଉଛି। ଫଳରେ ପ୍ରତିରୋପଣ ପାଇଁ ୫/୬ ଦିନ ସମୟ ଲାଗିଯାଉଛି। ଅପରପକ୍ଷରେ ଅତ୍ୟନ୍ତ ଜରୁରିକାଳୀନ ପରିସ୍ଥିତିରେ ଭୁବନେଶ୍ୱରର ଘରୋଇ ହସ୍ପିଟାଲରେ ଥିବା ଏଚ୍‌ଏଲ୍‌ଏ ପରୀକ୍ଷାଗାରକୁ କ୍ରସ୍‌ମ୍ୟାଚ୍ ପାଇଁ ଆଣ୍ଟିଜେନ ପଠାଯାଉଛି। ଏସ୍‌ସିବିରେ ନିଜସ୍ୱ ପରୀକ୍ଷାଗାର କରା ନ ଗଲେ ପ୍ରତିରୋପଣ ବନ୍ଦ କରାଯିବା ପାଇଁ ଓଡ଼ିଶା ଷ୍ଟେଟ୍ ମେଡିକାଲ କର୍ପୋରେଶନ ଲିମିଟେଡ୍ (ଓଏସ୍‌ଏମ୍‌ସିଏଲ) କିଛି ମାସ ପୂର୍ବେ ଦାବି କରିଥିଲା। ଆଗାମୀ ଦିନରେ ଏସ୍‌ସିବିରେ ହୃତ୍‌ପିଣ୍ଡ ପ୍ରତିରୋପଣ କରାଯିବାକୁ ଥିବାବେଳେ ନିଜସ୍ୱ ଏଚ୍‌ଏଲ୍‌ଏ ପରୀକ୍ଷାଗାର ନଥିବାରୁ ସମସ୍ୟା ଦେଖାଦେଉଛି। ଏନେଇ ଏସ୍‌ସିବି ସୁପରିଣ୍ଟେଣ୍ଡେଣ୍ଟ ପ୍ରଫେସର ଡା. ସୁଧାଂଶୁ ଶେଖର ମିଶ୍ର ଓ ପ୍ରଶାସନିକ ଅଧିକାରୀ ଡ. ଅବିନାଶ ରାଉତଙ୍କୁ ଯୋଗାଯୋଗ କରାଯାଇଥିବା ବେଳେ ପ୍ରତିକ୍ରିୟା ମିଳିପାରିନାହିଁ।


କଟକ ନୂଆ ରାଉସାପାଟଣା ରାସ୍ତାପାର୍ଶ୍ୱରେ ମୁକୁଳା ଡ୍ରେନ୍‌କୁ ତାରଜାଲି ଘେରାଇ ଆବଦ୍ଧ କରାଯାଇଛି।


କଟକ ସିଡିଏ ସେକ୍ଟର-୬ ପେଟାନାଳ ରିଂରୋଡ୍ ପାର୍ଶ୍ୱରେ ଥିବା ଭେଣ୍ଡିଂଜୋନ୍ ବ୍ୟବହାର ନ ହୋଇ ନଷ୍ଟ ହେବାକୁ ବସିଛି।

